## ସଂକ୍ଷେପରେ

### ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

କଳିଙ୍ଗନଗର,୭।୩(ଶୁଭାଶିଷ ରାଉତ): ଦାନଗଦି ଫାଣ୍ଡି ଅନ୍ତର୍ଗତ ଉଲ୍ଳକ ପଞ୍ଚାୟତ ରାମ୍ପିଲୋ ଗ୍ରାମରେ ଜଣେ ମହିଳା ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ନଗେନ୍ଦ୍ର ଜେନାଙ୍କ ସ୍ତ୍ରୀ ସାରତୀ ଜେନା(୩୦)। ଆତ୍ମହତ୍ୟାର କାରଣ ଜଣା ପଡ଼ିନାହିଁ। ଘରେ କେହି ନ ଥିବାର ସୁଯୋଗ ନେଇ ମହିଳା ଜଣକ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୬/୨୫ ରୁଜୁ କରି ତଦନ୍ତ ଜାରି ରଖିଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ବରୀ,୭।୩(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ ଅନ୍ତର୍ଗତ ବାଲିବିଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଧାଂଶୁ ସାମଲଙ୍କ ୫୮ବର୍ଷ ବୟସରେ ପରଲୋକ ହୋଇଯାଇଛି। ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମରଶରୀର ବାଲିବିଲରେ ପହଞ୍ଚିବା ପରେ ସାମାଜିକ କର୍ମୀ ଦେବେନ୍ଦ୍ର ଦସ, ପ୍ରାକ୍ତନ ସରପଞ୍ଚ ନବଘନ ପରିଡ଼ା, ସମିତିସଭ୍ୟା ସୁଧାଂଶୁ ବାଳା ସାମଲ, ପ୍ରାକ୍ତନ ସମିତିସଭ୍ୟ ବ୍ରହ୍ମାନନ୍ଦ ପଢ଼ିଆରି, ପ୍ରଫୁଲ୍ଲ ସାମଲ, ନବଜ୍ୟୋତି ନାଟ୍ୟ ସଂସଦ କର୍ମକର୍ତ୍ତା, ଉତ୍କଳ ଗୌରବ କ୍ରୀଡ଼ା ସଂସଦର କର୍ମକର୍ତ୍ତା, ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଏବଂ ଶିକ୍ଷାବିତ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ସମ୍ବିତ ମୁଖାଗ୍ନି ଦେଇଥିଲେ। ସୁଧାଂଶୁଙ୍କ ସ୍ତ୍ରୀଙ୍କ ଗତ ଏକମାସ ତଳେ ବିୟୋଗ ହୋଇଥିଲା।

# ନାରୀଙ୍କ ବିନା ସୃଷ୍ଟି ଅସମ୍ଭବ

### ଯାଜପୁର ଜିଲାରେ ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୫ ପାଳିତ

ଯାଜପୁର ଟାଉନ,୭।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):


ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

ଅନ୍ତର୍ଜାତୀୟ ମହିଳା ଦିବସ ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ଯୋଗଦେଇ କହିଥିଲେ, ବିଶ୍ୱରେ ଏହି ଦିନଟି ନାରୀଙ୍କ ପାଇଁ ଉତ୍ସର୍ଗୀକୃତ। ଏଥିସହିତ କିପରି ନାରୀଙ୍କ ଉନ୍ନତି ହେବ, ତାଙ୍କର ସ୍ୱତନ୍ତ୍ର ପରିଚୟ କିପରି ରହିବ, ସେମାନେ କିପରି ଆଇନଗତ ସହାୟତା ନିମନ୍ତେ ସଚେତନ ହେବେ ଏହି ସବୁ ଦିଗପ୍ରତି ଆଲୋକପାତ କରିଥିଲେ। ନାରୀଙ୍କ ବିନା ସୃଷ୍ଟି ଅସମ୍ଭବ, ତାଙ୍କୁ ନେଇ ସବୁକିଛି ଚିନ୍ତା କରାଯାଇପାରେ। ତେଣୁ ନାରୀଙ୍କ ଉନ୍ନତି ଓ ଅଧିକାର ପାଇଁ ଯେଉଁ ବ୍ୟବସ୍ଥା ଅଛି ସେଥିପ୍ରତି ସେମାନଙ୍କୁ ସଚେତନ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ।

ଅନ୍ତର୍ଜାତୀୟ ମହିଳା ଦିବସରେ ସେ ସମସ୍ତ ମହିଳାଙ୍କୁ ଶୁଭେଚ୍ଛା ଜଣାଇଥିଲେ। କର୍ମଶାଳା ମାଧ୍ୟମରେ ସମସ୍ତେ ନିଶ୍ଚିତ ଭାବରେ ସଶକ୍ତ ହେବା ଏବଂ ଆଗାମୀ ଦିନରେ ମା’ ଏବଂ ଭଉଣୀମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତା ପ୍ରଦାନ କରିବାକୁ କହିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଅଧ୍ୟକ୍ଷତା କରି ମହିଳାମାନଙ୍କର ପ୍ରାଧାନ୍ୟ ବହୁ ଆଗରୁ ରହିଛି ଏବଂ ଆଗକୁ ରହିବ ବୋଲି କହିଥିଲେ। ଆଇରନ ଲେଡି ଇନ୍ଦିରା ଗାନ୍ଧୀଙ୍କଠାରୁ ଆରମ୍ଭ କରି ପିଟି ଉଷା, ମାଡାମ କ୍ୟୁରୀ ପର୍ଯ୍ୟନ୍ତ ସମସ୍ତେ ମହିଳା ସଶକ୍ତିକରଣର ଏକ ଉଦାହରଣ। ପିଲାଠୁ ବଡ଼ ପର୍ଯ୍ୟନ୍ତ ସମସ୍ତ ମହିଳାଙ୍କୁ ଉତ୍ସାହିତ କରିବା ଦରକାର। ଯେ କୌଣସି ଜାଗାରେ ପ୍ରତିବନ୍ଧକ ଆସୁଛି ସେମାନେ ଯେପରି ସାହସର ସହ ଲଢ଼ିପାରିବେ ସେ କ୍ଷେତ୍ରରେ ସମସ୍ତ ସମାଜ ନିୟୋଜିତ ହେବା ଦରକାର ବୋଲି ବେହୁରିଆ ପ୍ରକାଶ କରିଥିଲେ।

ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷା ରେକ୍‌ସୋନା ଜେନା ଯୋଗଦେଇ ସମସ୍ତଙ୍କୁ ମହିଳା ଦିବସର ଶୁଭେଚ୍ଛା ଜଣାଇବା ସହ ପ୍ରତ୍ୟେକ କ୍ଷେତ୍ରରେ ମହିଳା ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଥାଇ ସେମାନଙ୍କର ସ୍ୱତନ୍ତ୍ରତାକୁ ପ୍ରତିପାଦନ କରୁଛନ୍ତି। ମାତ୍ର କେତେଜଣ ହୀନ ମାନସିକତା ପ୍ରକୃତିର ଲୋକଙ୍କ ପାଇଁ ଆଜିବି ନାରୀ କେଉଁଠି ନା କେଉଁଠି ନିଷ୍ପେଷିତ ଓ ପ୍ରଭାବିତ। ସେମାନଙ୍କ ଅଗ୍ରଗତି ନିମନ୍ତେ ସମଗ୍ର ଜନସମାଜକୁ ସଚେତନ ହେବାକୁ ପଡିବ ବୋଲି ଜେନା ମତବ୍ୟକ୍ତ କରିଥିଲେ। ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗଦେଇ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ମହିଳାଙ୍କ ବିଶେଷ ଭୂମିକା ରହିଛି। ସରକାର ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଯୋଗଦେଇ ମହିଳାଙ୍କ ମୌଳିକ ଅଧିକାରର ସୁରକ୍ଷା ନିମନ୍ତେ ଥିବା ବିଭିନ୍ନ ଅଧିନିୟମର ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟସ୍ତରୀୟ ଓଡ଼ିଆ ପ୍ରବନ୍ଧ, ଇଂଲିଶ ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅଙ୍ଗନୱାଡ଼ି କର୍ମୀଙ୍କ ମଧ୍ୟରେ କବାଡି, ଖୋଖୋ, ମୁରୁଜ, ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଞ୍ଝାରପୁର ସିଡିପିଓ ରୁକ୍ମଣୀ ସାହୁ ଏବଂ ଦାନଗଦି ବ୍ଲକ୍‌ର ସୁପରଭାଇଜର ପୁଷ୍ପଲତା ସେଠୀ, ଦଶରଥପୁର ବ୍ଲକର ଜୟନ୍ତୀ ସାହୁ, କୋରେଇ ବ୍ଲକର ସୁଚିସ୍ମିତା ଜେନା, ୪ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ସିଡିପିଓ, ସୁପରଭାଇଜର, ଏସଏଚ୍‌ଜି ସଦସ୍ୟା, ଅଙ୍ଗନୱାଡ଼ି କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଛାତ୍ରୀମାନେ ଉପସ୍ଥିତ ଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସରୋଜିନୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ ଧନ୍ୟବାଦ ଦେଇଥିଲେ।


ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଏକ ଟିପ୍ପ ଗୁଣ୍ଡ ବୋଝେଇ ହାଇୱା ଟ୍ରାଭେରାକୁ ପଛରୁ ଧକ୍କା ଦେଇ ଓଲଟି ପଡ଼ିଛି। ଦୁର୍ଘଟଣାରେ ଟ୍ରାଭେରା ପଛ ପଟ ସମ୍ପୂର୍ଣ୍ଣ ଭାଙ୍ଗି ରୁଜିଯାଇଥିବାବେଳେ ହାଇୱା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

## ଅବସରପ୍ରାପ୍ତ ପ୍ରାଧାପକଙ୍କ ଘରୁ ଟଙ୍କା, ସୁନା ଚୋରି

ଧର୍ମଶାଳା,୭।୩(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା କୁମାରୀ ପଞ୍ଚାୟତ ପଣ୍ଡୁଆ ଗ୍ରାମର ଅବସରପ୍ରାପ୍ତ ପ୍ରାଧାପକ ରାଧାଶ୍ୟାମ ସାହୁଙ୍କ ଘରୁ ଗୁରୁବାର ମଧ୍ୟାହ୍ନରେ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସକାଳ ୯ଟାରେ ଅବସରପ୍ରାପ୍ତ ପ୍ରାଧାପକ ସାହୁ ଓ ତାଙ୍କ ସ୍ତ୍ରୀ ନିରୁପମା ପୃଷ୍ଟି କଲଣ ଗ୍ରାମର ନିଜ ପୈତୃକ ଘରକୁ ବାପାଙ୍କ ଶ୍ରାଦ୍ଧ ପାଇଁ ଯାଇଥିଲେ। ଶ୍ରାଦ୍ଧ କାମ ସାରି ଅପରାହ୍ନ ୩ଟାରେ ଫେରିବା ବେଳକୁ ଘରୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଚୋରି ସୁନାଗହଣାରମୂଲ୍ୟ ୧୬ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଅବସରପ୍ରାପ୍ତ ପ୍ରାଧାପକ ସାହୁ ଯିବା ସମୟରେ ୨ ଯୁବକ ବାଇକରେ ତାଙ୍କ ଘର ଆଗରେ ବୁଲୁଥିଲେ ବୋଲି ପଡ଼ୋଶୀ ଦେଖିଥିବା କହିଛନ୍ତି। ଏହି ୨ ଯୁବକ କିଛି ଦୂରରେ ବାଇକ ରଖି ଘର ପଛ ଗେଟ ତାଲା ଭାଙ୍ଗି ପ୍ରବେଶ କରି ଚୋରି କରିବା ପରେ ସେହି ବାଟେ ପଳାଇଛନ୍ତି ବୋଲି ଅନୁମାନ କରାଯାଉଛି। ସୁନା ଅଳଙ୍କାର ଖୋଳ ଗୁଡ଼ିକ ବିଭିନ୍ନ ଜାଗାରେ ପକାଇଥିବା ଦେଖିବାକୁ ମିଳିଛି। ଏନେଇ ପୋଲିସ ନଂ.୧୨୮/୨୫ରେ ଏକ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ଚଳିତ ବର୍ଷ କୁମାରୀ ଓ ଜାରକା ପଞ୍ଚାୟତରେ ବାରମ୍ବାର ଚୋରି ହେଉଥିଲେ ହେଁ ପୋଲିସ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହେଉଛି।

ସେଲ୍‌ଫି କର୍ବର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରଦୀପ


@ ରୁବିସ୍ମିତା



@ ସତ୍ୟସ୍ୱିନୀ


@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସୁଭଦ୍ରା ସଚେତନତା କାର୍ଯ୍ୟକ୍ରମ


ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ହିତାଧିକାରୀ ଓ ଅଧିକାରୀ।

ଚଣ୍ଡିଖୋଲ,୭।୩(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୁଭଦ୍ରା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଉଛି। ବ୍ଲକ ମହିଳା ଶିଶୁ ମଙ୍ଗଳ ଅଧିକାରୀ ଭାରତୀ ମାଳା ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲା ଭାଜପା ସଭାନେତ୍ରୀ ଦେବଯାନୀ ପ୍ରଧାନ ଯୋଗଦେଇ ସୁଭଦ୍ରା ଯୋଜନା ରାଜ୍ୟ ସରକାରଙ୍କ ଏକ ଅଭିନବ ଯୋଜନା। ଏହି ଯୋଜନା ମାଧ୍ୟମରେ ସମାଜରେ ମହିଳାମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ସୁନାମ ଅର୍ଜନ କରିପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ଯୋଜନାରେ ବର୍ଷକୁ ଦୁଇଟି କିସ୍ତିରେ ଦିଆଯାଉଥିବା ଆର୍ଥିକ ସହାୟତାରେ ମହିଳାଙ୍କ ସର୍ବବିଦ୍ଧ ଉନ୍ନତି ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ମଙ୍ଗଳ ଅଧିକାରୀ ସୁମିତ୍ରା ସାହୁ, ମମତା ଯୋଜନା ସଂଯୋଜକ ରମାକାନ୍ତ ଦାସ, ସୁଭଦ୍ରା ସଚେତନତା ସଂଯୋଜିକା ରୋଜାଲିନ ସାହୁ ଓ ଲକ୍ଷ୍ମୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକ ଅନ୍ତର୍ଗତ କୁନ୍ଦଳ, ସମିଆଁ ଓ ବଡ଼ଚଣା ସମେତ ୬ ସ୍ଥାନରେ ସୁଭଦ୍ରା ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଲା, ଦାସକାଠିଆ, ଘୋଡ଼ାନାଚ, ପଥପ୍ରାନ୍ତ ନାଟକ ମଧ୍ୟମରେ ଯୋଜନାର ପ୍ରଚାର ପ୍ରସାର କରାଯାଇଛି।

# କୋରେଇ ଥାନା ନୂତନ ଗୃହ ଉଦ୍‌ଘାଟିତ

କୋରେଇ,୭।୩(ଚନ୍ଦ୍ରକାନ୍ତ ପତି):

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶୁକ୍ରବାର ରାଜ୍ୟରେ ୧୩ ଥାନାର ନୂତନ ଗୃହ ଉଦ୍‌ଘାଟନ କରିଛନ୍ତି। ତନ୍ମଧ୍ୟରେ ଯାଜପୁର ଜିଲାର ଧର୍ମଶାଳା ଓ କୋରେଇ ଥାନା ରହିଛି। କୋରେଇ ଥାନା ପରିସରରେ ଯାଜପୁର ରୋଡ୍ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ କହିଥିଲେ, ପୋଲିସ ହେଉଛି ସାଧାରଣ ଲୋକଙ୍କ ବନ୍ଧୁ। ଜନତା-ପୋଲିସ ମଧ୍ୟରେ କିପରି ସୁସମ୍ପର୍କ ସ୍ଥାପନ ହେବ ସେଥିପାଇଁ ସରକାର ପ୍ରତିବଦ୍ଧ। ଏଥିସହିତ କୋରେଇ ଏକ ପୁରାତନ ଥାନା। ଏଠାରେ ଅତ୍ୟାଧୁନିକ ଗୃହର ଆବଶ୍ୟକତା ଜରୁରୀ ଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ଲୋକଙ୍କୁ ସୁରକ୍ଷା ଦେବା ପୋଲିସର ପ୍ରାଥମିକତା ବୋଲି କହିଥିଲେ। ଏଥିସହ ପୋଲିସକୁ ସହଯୋଗ କରିବା ମଧ୍ୟ ସାଧାରଣ ଜନତାଙ୍କ କର୍ତ୍ତବ୍ୟ ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା ତାଙ୍କ ଭାଷଣରେ ନୂତନ ଗୃହର ସୁବିଧା ସମସ୍ତଙ୍କୁ ମିଳିପାରିବ ଓ ଏହାଦ୍ୱାରା କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇ ପାରିବ ବୋଲି କହିଥିଲେ। ଏସ୍‌ପି ଯଶ ପ୍ରତାପ ଶ୍ରୀମଲ ନୂତନ ଗୃହ ବ୍ୟବସ୍ଥାକୁ ଆଗକୁ ନେବାରେ ସହାୟକ ହୋଇ ପାରିବ ବୋଲି କହିଥିଲେ। ଏଥିସହିତ ଯଦି କାହାର କୌଣସି ଅସୁବିଧା ହେଲା ତେବେ ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ କହିଥିଲେ। ନଚେତ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ସମସ୍ୟା ଜଣାଇବାକୁ ପରାମର୍ଶ ଦେଇଥିଲେ। କୋରେଇ ଏବଂ ଯାଜପୁର ପୋଲିସ ୨୪ ଘଣ୍ଟା ସାଧାରଣ ଲୋକଙ୍କ ପାଇଁ ନିୟୋଜିତ ବୋଲି ଏସ୍‌ପି ପ୍ରକାଶ କରିଥିଲେ। ସାଧାରଣରେ ବକ୍ତବ୍ୟ ରଖିଥିବା ବ୍ୟକ୍ତିଙ୍କ ମଧ୍ୟରୁ ପାଟରଙ୍ଗା ସରପଞ୍ଚ ରଞ୍ଜନ କୁମାର ଦାସ ସୁରକ୍ଷା, ଆଇନ ଶୃଙ୍ଖଳା ଓ ଦୂରତା ଦୃଷ୍ଟିରୁ ଅନ୍ଧାରୀ, ପାଟରଙ୍ଗା ତଥା ତଳଗଡ଼ ପଞ୍ଚାୟତକୁ କୋରେଇ ଥାନାରୁ କାଢ଼ି ଯାଜପୁର ରୋଡ ଆଦର୍ଶ ଥାନା ଅଧୀନକୁ ନେବା ପାଇଁ ଦାବି କରିଥିଲେ। କୋରେଇ ଥାନା ଆରକ୍ଷୀ ନିରୀକ୍ଷକ ରାକେଶ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳ କର୍ମଚାରୀମାନେ ସହଯୋଗ କରିଥିଲେ। ପ୍ରାରମ୍ଭରେ ସ୍ୱାଗତ ନୃତ୍ୟ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ରାଜନୈତିକ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ।



ଉଦ୍‌ଘାଟିତ ହୋଇଥିବା କୋରେଇ ଥାନା।

# ଚାଷଜମିରୁ ଜଳ ନିଷ୍କାସନ ପାଇଁ ଆଲୋଚନା

ସିଂହପୁର,୭।୩(ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ୍ ଅଞ୍ଚଳରେ ଚାଷ ଜମିରୁ ଜଳ ନିଷ୍କାସନ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଖରାଦିନେ ଚାଷୀ ଜମିକୁ ପାଣି ପାଉ ନ ଥିବାବେଳେ ବର୍ଷାଦିନେ ଚାଷ ଜମିରୁ ଜଳ ନିଷ୍କାସିତ ହୋଇ ନ ପାରିବାରୁ ଫସଲ ହାନି ହେଉଛି। ବିଞ୍ଝାରପୁର ଅଞ୍ଚଳର ଚିକଣା, ବରପଦା, ତଳବନ୍ଧ, କପିଳା, ଟିଣା, ଫତେପୁର, ଅଳକୁଣ୍ଡ, ଆଉଁରୀ, ହଳଦିଡ଼ିଆ ଆଦି ପଞ୍ଚାୟତର ଚାଷ ଜମି ଖାଲୁଆ ଅଞ୍ଚଳରେ ଅବସ୍ଥିତ। ପ୍ରତିବର୍ଷ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ସାରଦ ଧାନ ଫସଲ ଶତ ପ୍ରତିଶତ ନଷ୍ଟ ହୋଇଥାଏ। ଚାଷୀକୂଳ ବର୍ଷକୁ ବର୍ଷ କ୍ଷତି ସହି ଚାଷ ଛାଡ଼ିଦେବା ଫଳରେ ଏବେ ଅନେକ ସ୍ଥାନରେ ଏକର ଏକର ଚାଷ ଜମି ବେଣା ଭର୍ତ୍ତି ହୋଇଗଲାଣି। ଚାଷୀ ବାରମ୍ବାର ପ୍ରଶାସନ ଦ୍ୱାରସ୍ଥ ହୋଇ ମଧ୍ୟ ସମସ୍ୟା ସମାଧାନ ହୋଇ ନ ପାରିବାରୁ ୨୦୨୨ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା।

ଉଚ୍ଚ ନ୍ୟାୟାଳୟ ଯାଜପୁର ଜିଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଆଦେଶ ଦେବାପରେ ଜିଲାପାଳଙ୍କ


ଆଲୋଚନା ପାଇଁ ଆସିଥିବା ଚାଷୀମାନେ।

ସୁପାରିସ ଆଧାରରେ ଚଳିତ ବର୍ଷ ୩୫ କି.ମି. ଜୋକେଇ ନାଳ ଗଭୀର ଓ ଚଉଡ଼ା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ଅଞ୍ଚଳର ଚାଷୀ ସହକାରୀ ନିର୍ବାହୀଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଉପସ୍ଥିତିରେ ରାହାସ ଗୁହାଳି ଗ୍ରାମରେ ଜଳ ନିଷ୍କାସନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି ନାଳକୁ ପ୍ରଶସ୍ତ ଓ ଗଭୀର କରିବାରେ ଲୋକଙ୍କ ସହଯୋଗ ଲୋଡ଼ିଛନ୍ତି। ଅଣ୍ଟାଲୋଠାରୁ ନୂଆମାହାରା ପର୍ଯ୍ୟନ୍ତ ସଂଯୋଗ କରିବାକୁ ଥିବା ପ୍ରସ୍ତାବିତ କାମଦେବମାହାରାର ପୂର୍ଣ୍ଣାଙ୍ଗ ହେବା ସମ୍ପର୍କରେ ଚାଷୀମାନେ ପଚାରିବାରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଏହି ସ୍ଥିତି ସମ୍ପର୍କରେ ଚାଷୀଙ୍କୁ ସୂଚନା ଦେଇଛନ୍ତି। ଆଉ ୫ ଚାଷୀଙ୍କ ଜମି ଅଧିଗ୍ରହଣ ବାକିଥିବାରୁ ଏହା ଟେଣ୍ଡର ହୋଇପାରି ନ ଥିବା ଜଣାପଡ଼ିଛି। ଆଗାମୀ ଦିନରେ ଏହାକୁ ପୂର୍ଣ୍ଣାଙ୍ଗ କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

କପିଳା ଓ ଗୁହାଳି ମଧ୍ୟରେ ପ୍ରସ୍ତାବିତ ତିନୋଟି ବକ୍ସରେ ପୋଲ ଏଯାବତ ଆରମ୍ଭ ହୋଇ ନ ଥିବାରୁ ଜଳନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଏହାବ୍ୟତୀତ ନାଳ ମଧ୍ୟରେ ବେଆଇନ ଆଡ଼ିବନ୍ଧ କରି ଜଳ ପ୍ରବାହରେ ଘୋର ବାଧା ସୃଷ୍ଟି କରାଯାଉଛି। ଚାଷୀମାନେ ଏ ସମ୍ପର୍କରେ ସହକାରୀ ନିର୍ବାହିଯନ୍ତ୍ରୀଙ୍କୁ ଜଣାଇବା ସହ ଏହାର ଉଚ୍ଛେଦ ପାଇଁ ଦାବି କରିଛନ୍ତି। ଏହି ଆଲୋଚନାରେ ରବିନାରାୟଣ ସାମଲ, ରବୀନ୍ଦ୍ର ଦାସ, ପୁରୁଷୋତ୍ତମ ଦାଶ, ବ୍ରଜସୁନ୍ଦର ସାମଲ, ପ୍ରମୋଦ ସାମଲ, କୈଳାସ ସାମଲ, ବିନୋଦ ମଲ୍ଲିକ, କୈଳାସ ଯେନା, ବାଙ୍କ ବିହାରୀ ମଲ୍ଲିକ, ଉଦକର ପଲାଇ, ସରୋଜ ମଲ୍ଲିକ, ସୁରେନ୍ଦ୍ର କୁମାର ପତି ପ୍ରମୁଖ ବହୁ ଚାଷୀ ଭାଗ ନେଇଥିଲେ।

**୧୦ରୁ ପେଣ୍ଠ ବେଳାଭୂମିରେ ସାଗରବେଳା ମହୋତ୍ସବ**

ରାଜନଗର,(ଭାସ୍କର ରାଉତରାୟ)-ରାଜନଗର ବ୍ଲକ୍ ପେଣ୍ଠ ବେଳାଭୂମିଠାରେ ମାର୍ଚ୍ଚ ୧୦ରୁ ୧୨ତାରିଖ ଯାଏ ସାଗରବେଳା ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବ ସାଂସ୍କୃତିକ ପରିଷଦ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜନଗର ମାଟିର ଐତିହ୍ୟ, ସଂସ୍କୃତି, ପରମ୍ପରା, ଧର୍ମ ଭାବନା ଏବଂ ପ୍ରକୃତିର ଗୌରବ ଗାଥାକୁ ସ୍ମରଣ କରିବା ସହ ଭିତରକନିକାର ବିଭବ ସମ୍ବନ୍ଧରେ ଆଲୋଚନା କରାଯିବ। ଏହି ମହୋତ୍ସବରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ, ପ୍ରଶାସକ, ପ୍ରବଚକ,ସନ୍ଥ ସହ ରାଜନେତାମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



# ପଟ୍ଟାମୁଣ୍ଡାଇ ପୌରାଞ୍ଚଳ: ହଟିବ ବେଆଇନ ବିଜ୍ଞାପନ

**ପଟ୍ଟାମୁଣ୍ଡାଇ, ୭।୩ (କଳ୍ପତରୁ ନାୟକ)**

■ ବିଳମ୍ବରେ ହେଉ ପଛକେ କାର୍ଯ୍ୟାନୁଷ୍ଠାନ ପଦକ୍ଷେପ
■ ସହରରେ ଛାଇ ହୋଇଛି ଘରୋଇ ବିଜ୍ଞାପନ ପ୍ରଚାରପତ୍ର, ହୋର୍ଡିଂ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଘରୋଇ ପ୍ରଚାରପତ୍ର ଓ ବେଆଇନ ବିଜ୍ଞାପନ ହୋର୍ଡିଂ ଛାଇହୋଇଯାଇଛି। ସହରର ରାସ୍ତା ପାର୍ଶ୍ୱରେ ଏଭଳି ସ୍ଥିତି ଯୋଗୁ ଗାଡ଼ି ଚଳାଚଳରେ ବାଧା ଉପୁଜୁଛି। ରାସ୍ତାପାର୍ଶ୍ୱରେ ଲାଗିଥିବା ବଡ଼ ବ୍ୟାନର ଓ ହୋର୍ଡିଂଗୁଡ଼ିକ ଚାଳକମାନଙ୍କୁ ଲକ୍ଷ୍ୟଭ୍ରଷ୍ଟ କରୁଛି। ରାତିରେ ତୈଳଯୁକ୍ତ ବ୍ୟାନର ଉପରେ ଗାଡ଼ିର ଆଲୋକର ପ୍ରତିଫଳନ ଯୋଗୁ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଲକ୍ଷ୍ୟ କରାଯାଉଛି। ତେଣୁ ରାଜପଥ ହେଉ କି ସହର ରାସ୍ତା ଉପରେ ବେଆଇନ ଭାବେ ଲାଗିଥିବା ହୋର୍ଡିଂଗୁଡ଼ିକୁ ତୁରନ୍ତ ହଟାଇବା ସହ ଆଇନ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୌର ପରିଷଦରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏହାଦ୍ୱାରା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବା ସହ ସହର ତା'ର ସୌନ୍ଦର୍ଯ୍ୟ ହରାଉଥିବାବେଳେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି ବୋଲି ଜନସାଧାରଣ ଦାବି କରିଆସୁଥିଲେ। ଏହାକୁ ନେଇ ପୌର କର୍ମଚାରୀ ଗୁରୁବାର ସନ୍ଧ୍ୟାରେ ପୋଲିସ ଦଳ ସହ ଦୋକାନୀକୁ ତାଗିଦ କରିଥିବା ବିଭାଗୀୟ ଅଧିକାରୀ ଅଶୋକ ମହାନ୍ତି କହିଛନ୍ତି।

ବୁଦ୍ଧିଜୀବୀ ପ୍ରବୀର ନାୟକ, ଅନନ୍ତ ଦାଶ, ପ୍ରେମାନନ୍ଦ ପଣ୍ଡା, ଆଇନଜୀବୀ ସୌମ୍ୟରଞ୍ଜନ ଧଳ ପ୍ରମୁଖ କହିଛନ୍ତି, ଆଡ୍‌ଭର୍ଟାଇଜ୍‌ମେଣ୍ଟ ରେଗୁଲେଶନ ଧାରା ଅନୁଯାୟୀ, ପୌରାଞ୍ଚଳରେ କେବଳ ପଞ୍ଜୀକୃତ ସଂସ୍ଥା ବିଜ୍ଞାପନ ହୋର୍ଡିଂ ଲଗାଇ ପାରିବେ। ସେମାନେ ପଞ୍ଜୀକୃତ ହେବା ପାଇଁ ପୌର ପରିଷଦରେ ଆବେଦନ କରିବେ। ଉପଯୁକ୍ତ ଟ୍ରେଡ୍ ଲାଇସେନ୍ସ ହାସଲ କରିବା ପରେ ଯାଇ ସେମାନଙ୍କୁ ସ୍ୱୀକୃତି ମିଳିବ। ଏହି ସ୍ୱୀକୃତିପ୍ରାପ୍ତ ସଂସ୍ଥାଗୁଡ଼ିକ ଜରିଆରେ ବିଜ୍ଞାପନ ଲାଗିବା କଥା। କିନ୍ତୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବର୍ଷ ବର୍ଷ ଧରି ଅନେକ ସଂସ୍ଥା ବେଆଇନ ଭାବରେ ହୋର୍ଡିଂ ଲଗାଇ ଲାଭବାନ ହୋଇ ଆସୁଛନ୍ତି। ଓଡ଼ିଶାର ଅନେକ ଛୋଟଛୋଟ ମ୍ୟୁନିସିପାଲିଟି ବିଜ୍ଞାପନ ହୋର୍ଡିଂ ପାଇଁ ୯ ରୁ ୧୦ ଲକ୍ଷ ରାଜସ୍ୱ ପାଉଥିବା ବେଳେ ପଟ୍ଟାମୁଣ୍ଡାଇ ପୌର ପରିଷଦ ମାତ୍ର ବାର୍ଷିକ ୩୪ ହଜାର ରାଜସ୍ୱ ପାଉଛି ବୋଲି ବିଭାଗୀୟ ଅଧିକାରୀ ମହାନ୍ତି ସୂଚନା ଦେଇଥିଲେ। ଏଥିରେ (ପିଏମ୍) ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ରାଜସ୍ୱହାନି କରୁଥିବା ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ପଟ୍ଟମୁଣ୍ଡାଇ ପୌରାଞ୍ଚଳ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ଏହାର ସମୀକ୍ଷାକରିବା ପରେ ପୋଲିସ ଓ ପୌର ଅଧିକାରୀଙ୍କ ସହ ସମସ୍ତ ଦୋକାନୀ ବିଜ୍ଞାପନ ଏଜେନ୍ସିଙ୍କୁ ତାଗିଦକରି ପଞ୍ଜୀକୃତ ହେବାକୁ ନୋଟିସ ଜାରି କରାଯାଇଛି। ଆସନ୍ତା ମାସରୁ ବେଆଇନ ହୋର୍ଡିଂ ହଟାଇବା ଅଭିଯାନ ଆରମ୍ଭ ହେବ ବୋଲି ସୂଚନା ମିଳିଛି।


ପଟ୍ଟାମୁଣ୍ଡାଇ ସହରରେ ଲାଗିଥିବା ହୋର୍ଡିଂ।

ପଟ୍ଟାମୁଣ୍ଡାଇ ସହରର କାନ୍ଥବାଡ଼, ବିଦ୍ୟୁତ୍‌ଖୁଣ୍ଟରେ ପୌର କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ବେଆଇନ ବିଜ୍ଞାପନ ହୋର୍ଡିଂ ଲଗାଇ ଅସାଧୁ ବ୍ୟବସାୟୀ ମାଲାମାଲ ହେଉଛନ୍ତି। କେବଳ ସେତିକି ନୁହେଁ, ସହରର ଏକାଧିକ ରାସ୍ତା ଆଉ ଛାତ ଉପର ମଧ୍ୟ ବିଜ୍ଞାପନ ଛାଇ ଗଲାଣି। ପୌର ନିୟମ ଅନୁଯାୟୀ ବ୍ୟକ୍ତିଗତ ଜାଗାରେ ବିଜ୍ଞାପନ ବା ହୋର୍ଡିଂ ଲଗାଇଲେ ପୌର ପରିଷଦକୁ ଧାର୍ଯ୍ୟ ଦେୟ ଦେବାକୁ ପଡ଼ିବ। କିନ୍ତୁ କେତୋଟି ହାତଗଣତି ବିଜ୍ଞାପନକୁ ଛାଡ଼ିଦେଲେ କେହି ଏ ସମ୍ପର୍କରେ ପରିଷଦକୁ ଜଣାଉନାହାନ୍ତି। ଫଳରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବା ବେଳେ କେତେଜଣ କର୍ମଚାରୀ ବିଜ୍ଞାପନ ଏଜେନ୍ସି ଓ ଦୋକାନୀଙ୍କ ସହ ହରିଲୁଟ୍‌ରେ ମାତି ମାଲାମାଲ ହେଉଛନ୍ତି। ବର୍ଷ ବର୍ଷ ଧରି ଏଭଳି କାରବାର ଚାଲିବା ପରେ ଗୁରୁବାର ପୌର ପରିଷଦ ବଡ଼ ନିଷ୍ପତ୍ତି ନେଇଛି। ପୌର ପରିଷଦରେ ପଞ୍ଜୀକୃତ ହୋଇ ନ ଥିବା ସଂସ୍ଥାଙ୍କ ହୋର୍ଡିଂକୁ ହଟାଇବାକୁ ସ୍ଥିର କରାଯାଇଛି। ଏଥିସହ ପ୍ରତ୍ୟେକଙ୍କୁ ପଞ୍ଜୀକୃତ ହେବାକୁ ଆହ୍ୱାନ କରାଯାଇଛି, ତତ୍‌ସହିତ ସମସ୍ତ ଉଠା ଦୋକାନୀଙ୍କୁ ଅବରୋଧ ହଟାଇବାକୁ ଚେତାବନୀ ଦେଇଛନ୍ତି ବୋଲି ପୌର ନିର୍ବାହୀ ଅଧିକାରୀ ବିଶ୍ୱାଳ କହିଛନ୍ତି। ପ୍ରଥମେ ବିଜ୍ଞାପନ ଲଗାଇଥିବା ସଂସ୍ଥାଗୁଡ଼ିକୁ ତାଗିଦ କରିବା ପରେ ନ ମାନିଲେ ଥାନାରେ ଏତଲା ଦିଆଯିବ। ସହରର ଯେଉଁ ସ୍ଥାନଗୁଡ଼ିକ ହୋର୍ଡିଂ ପାଇଁ ଚିହ୍ନଟ କରାଯାଇଛି, ସେଠାରେ ଲଗାଯିବ। ଯେଉଁଗୁଡ଼ିକ ଚିହ୍ନଟ ହୋଇନାହିଁ ସେଠାରେ ହୋର୍ଡିଂ ଲାଗିଲେ କଟାଯିବା ସହ ଜରିମାନା ଆଦାୟ ହେବ ବୋଲି ପୌର ଅଧିକାରୀ ମହାନ୍ତି ପ୍ରକାଶ କରିଛନ୍ତି। ତେବେ ବିଳମ୍ବରେ ହେଉ ପଛକେ ପୌରପାଳିକା କାର୍ଯ୍ୟାନୁଷ୍ଠାନ ପାଇଁ ଅଣ୍ଟା ଭିଡ଼ିଥିବାରୁ ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି।

# ମହିଳା ସଶକ୍ତୀକରଣକୁ ଗୁରୁତ୍ୱ

## ନାବାର୍ଡ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ


ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

**ଜଗତ୍‌ସିଂହପୁର, ୭।୩ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ସର୍କିଟ ହାଉସରେ ନାବାର୍ଡ ଜଗତ୍‌ସିଂହପୁର ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ୨୦୨୫ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ନାବାର୍ଡ ଜଗତ୍‌ସିଂହପୁରର ସହକାରୀ ସାଧାରଣ ପରିଚାଳକ ବିଶ୍ୱଭୂଷଣ ମହାନ୍ତି ପ୍ରାରମ୍ଭରେ ଅତିଥି ସ୍ୱାଗତ କରିବା ସହ ଦିବସର ତାତ୍ପର୍ଯ୍ୟ ଓ ମହିଳାମାନଙ୍କ ପାଇଁ ନାବାର୍ଡର ପ୍ରୟାସ ଉପରେ ଆଲୋକପାତ କରିଥିଲେ। ପରେ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ନିଜର ଉତ୍ପାଦିତ ଦ୍ରବ୍ୟ ଉପରେ କହିଥିଲେ। ଏଥିସହ ନାବାର୍ଡ ସହାୟତାରେ ସେମାନଙ୍କ ଶକ୍ତି ସାମର୍ଥ୍ୟରେ କିପରି ବୃଦ୍ଧି ଘଟିଛି ସେ ଉପରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ସିନିୟର ସିଭିଲ ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ଯୋଗ ଦେଇ ମହିଳାମାନଙ୍କ ପାଇଁ ଥିବା ଆଇନ ସହାୟତା ଉପରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବୈଜ୍ଞାନିକ ସସ୍ମିତା ପୁରୋହିତ, କୃଷି ବିଜ୍ଞାନ କେନ୍ଦ୍ର ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ମୋନାଲିସା ଭଞ୍ଜ, ଜ୍ୟୋତିର୍ମୟୀ ମହାନ୍ତି, ସିନ୍ଦୂର ମୁର୍ମୁ, ପ୍ରତିଚି ତନୟା ମହାନ୍ତି ପ୍ରମୁଖ ଯୋଗଦେଇ ମହିଳା ସଶକ୍ତୀକରଣ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନାବାର୍ଡଠାରୁ ତାଲିମ ପାଇ ନିଜର ଶକ୍ତି ସାମର୍ଥ ବୃଦ୍ଧି କରିଥିବା ୧୦ ଜଣ ମହିଳା ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସତ୍ୟ କୁମାର ବାଇ ସହଯୋଗ କରିଥିବାବେଳେ କ୍ଷୀରୋଦ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ହରିନାମ ଜପୁ ଜପୁ ବୃଦ୍ଧଙ୍କ ଚାଲିଗଲା ଜୀବନ

**ଡେରାବିଶ, ୭।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଗିରିଗଲା ଗ୍ରାମର ବାମଦେବ ମଲିକ(୮୧)ଙ୍କ ଶୁକ୍ରବାର ଭୋରରୁ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଭୋର ୪ଟାରେ ପ୍ରତ୍ୟହ ହରିନାମ ସଂକୀର୍ତ୍ତନ କରିବା ପରି ଶୁକ୍ରବାର ମଧ୍ୟ କରିଥିଲେ। ସେ ନାମ କିଛି ସମୟ କରିବା ପରେ ନୀରବ ହୋଇଯାଇଥିଲେ। ବାର୍ଦ୍ଧକ୍ୟ ଦୃଷ୍ଟିରୁ ବେଳେ ବେଳେ ପୁଣି କିଛି ସମୟ ଶୋଇପଡିବା ଅଭ୍ୟାସକୁ ଘର ଲୋକ ବିଚାରକୁ ନେଇ ଆଉ କେହି ଡକାଡକି କରି ନ ଥିଲେ। ମାତ୍ର ବିଳମ୍ବ ଦୃଷ୍ଟିରୁ ଘର ଲୋକ କବାଟ ବାଡ଼େଇ ଡାକିବାରୁ କୌଣସି ସ୍ୱର ଶବ୍ଦ ଶୁଣାଯାଇ ନ ଥିଲା। କବାଟ ଭାଙ୍ଗି ଦେଖିଲା ବେଳକୁ ହରିନାମ ଜପିବା ଅବସ୍ଥାରେ ବସି ମୃତ୍ୟୁ ହୋଇଥିବା ଅନୁଭବ ହୋଇଥିଲା। ଶୁକ୍ରବାର ତାଙ୍କର ଜଣେ ନାତିଙ୍କ ବିବାହ ଥିବାବେଳେ ତୁରନ୍ତ ତାଙ୍କୁ ନିଜର ମାମୁଘରକୁ ସ୍ଥାନାନ୍ତର କରାଯାଇଛି। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ନିଜର ବ୍ୟକ୍ତିତ୍ୱ ପାଇଁ ଅନେକ ବାର ୱାର୍ଡ ସଭ୍ୟ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ତାଙ୍କର ମୃତ୍ୟୁ ଖବରରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଖବରପାଇ ଆଖପାଖର ଗ୍ରାମର ଅନେକ ବ୍ୟକ୍ତି ଶେଷ ଦର୍ଶନ ପାଇଁ ତାଙ୍କ ବାସଗୃହରେ ଉପସ୍ଥିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମାରକ ମହାନ୍ତି, ପୂର୍ବତନ ସରପଞ୍ଚ ବସନ୍ତ କୁମାର ସାହୁ, ଯୋଗାନନ୍ଦ ମହାନ୍ତି, ସରପଞ୍ଚ ମିତାରାଣୀ ମଲିକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଖଲାରେଶ୍ୱର ଶ୍ମଶାନ ଘାଟରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ସୁବାସ ମୁଖାଗ୍ନି ଦେଇଥିଲେ।

# ଜିଲା ମହୋତ୍ସବ 'କଲ୍ଲୋଳ': ପ୍ରଶାସନିକସ୍ତରରେ ପ୍ରସ୍ତୁତି


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ଜଗତ୍‌ସିଂହପୁର, ୭।୩ (ପ୍ରମୋଦ ନାୟକ)**

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲା ମହୋତ୍ସବ 'କଲ୍ଲୋଳ' ୨୦୨୫ ପାଳନ ନିମନ୍ତେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ , ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଉପସ୍ଥିତ ରହି ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲା ମହୋତ୍ସବ କଲ୍ଲୋଳ ପ୍ରସ୍ତୁତ ନିମନ୍ତେ ବିସ୍ତୃତଭାବେ ଆଲୋଚନା କରିଥିଲେ। ଏଥିନିମନ୍ତେ ଉଦ୍ଦିଷ୍ଟ ସମସ୍ତ ସବ୍‌କମିଟିର କାର୍ଯ୍ୟକାରୀ ବୈଠକ ଜିଲାପାଳ ଡାକିବା ସହ କାମକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ମହୋତ୍ସବର ମଞ୍ଚ ନିର୍ମାଣ, ଅତିଥି ଚୟନ, ଆୟବ୍ୟୟ, ୫ ଦିନର କାର୍ଯ୍ୟସୂଚୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ପାନୀୟ ଜଳ ଯୋଗାଣ, ଅସ୍ଥାୟୀ ଶୌଚାଳୟ ନିର୍ମାଣ, ବିଦ୍ୟୁତୀକରଣ, ୫ ଦିନ ଧରି ସମସ୍ତ ସରକାରୀ ଓ ବେସରକାରୀ କୋଠାକୁ ଆଲୋକୀକରଣ କରିବା ଉପରେ ଆଲୋଚନା ହୋଇଥିଲା। ଜିଲାପାଳ ଜେ. ସୋନାଲ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ନିଜର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକର ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ସ୍ୱାଗତ ଭାଷଣ ଦେବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍‌ଥାନାର ନୂତନ କୋଠା ଲୋକାର୍ପିତ



ପାରାଦୀପ ଲକ୍‌ଥାନାର ନବ ନିର୍ମିତ କୋଠା।

**ପାରାଦୀପ, ୭।୩(ଶରତ ରାଉତ)**

ପାରାଦୀପ ଲକ୍ ଥାନାର ନୂତନ କୋଠା ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଭାସୀ ଜରିଆରେ ଏହାକୁ ଲୋକାର୍ପଣ କରିଥିଲେ। ନୂତନ କୋଠା ପାଖରେ ଅତିଥିଭାବେ ଏମ୍‌ପି ବିଭୁପ୍ରସାଦ ତରାଇ, ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଏଏସ୍‌ପି ସ୍ମୃତିରଞ୍ଜନ କର, ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ସଞ୍ଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ ଏହିପରି ୧୩ଟି ନୂତନ ଥାନା ଗୃହ ଲୋକାର୍ପିତ ହୋଇଛି।

# ବରିଷ୍ଠ ଖବରଦାତା ନୀଳମଣି ସାହୁଙ୍କ ପରଲୋକରେ ଶୋକ

**ଜଗତ୍‌ସିଂହପୁର,୭।୩ (ପ୍ରମୋଦ ନାୟକ)**



ଜଗତ୍‌ସିଂହପୁର ଜିଲାର ବରିଷ୍ଠ ସାମ୍ବାଦିକ ନୀଳମଣି ସାହୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜିଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ, ସଦ୍‌ଭାବନା ସଭାଗୃହରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକ ସଭାରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲାପାଳ (ସାଧାରଣ) ଜ୍ୟୋତି ଶଙ୍କର ରାୟ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ନୀଳମଣି ହାଜିପୁର ନୂଆଗାଁଠାରେ ଜନ୍ମ ଗ୍ରହଣ କରିଥିବାବେଳେ ୧୯୮୨ଠାରୁ ଖବର ସଂଗ୍ରହକୁ ବୃତ୍ତିଭାବେ ଗ୍ରହଣକରି ବିଭିନ୍ନ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟ କରିଥିଲେ। ସେ ଅତ୍ୟନ୍ତ ମିଷ୍ଟଭାଷୀ, ଅମାୟିକ, ଭଦ୍ର ଏବଂ ସରଳ ବ୍ୟକ୍ତି ଥିଲେ। ସୃଜନଶୀଳତା ତାଙ୍କର ପ୍ରତ୍ୟେକଟି ଲେଖାରେ ଝଲସି ଉଠୁଥିଲା। ତାଙ୍କର ଅକାଳ ବିୟୋଗରେ ଜିଲା ପ୍ରଶାସନ, ଖବରଦାତା ତଥା ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳିଯାଇଛି।

# ଦୀପକ ମିଶ୍ରଙ୍କ କବିତା ଯୁଗୋପଯୋଗୀ

**କେନ୍ଦ୍ରାପଡ଼ା, ୭।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ପରିଷଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆୟୋଜନାରେ କବିସ୍ୱର୍ଗତ ଦୀପକ ମିଶ୍ରଙ୍କ ୮୭ତମ ଜୟନ୍ତୀ ଉତ୍ସବ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଗାନ୍ଧି ଭବନରେ ଶୁକ୍ରବାର ପାଳିତ ହୋଇଯାଇଛି। ପରିଷଦ ସଭାପତି କବି ଅପର୍ଣ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଥିପାଇଁ ସଭାରେ ଅତିଥିମାନେ କହିଥିଲେ, ମିଶ୍ରଙ୍କ କବିତା ଯୁଗପୋଯୋଗୀ। କଥାକାର ରାମଚନ୍ଦ୍ର ବେହେରା, କବି ନିରାକାର ଦାସ, ଶିକ୍ଷାବିତ୍ ନନ୍ଦକିଶୋର ପରିଡା, ଡ. ବାସୁଦେବ ଦାସ, ଡ. ମିହିର କୁମାର ସାହୁ ସମ୍ମାନିତ ଅତିଥି ଭାବେ କବି ଦୀପକ ମିଶ୍ରଙ୍କ ସୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ କହିଥିଲେ, ଓଡ଼ିଆ ସାହିତ୍ୟ ଜଗତରୁ ଡ. ମିଶ୍ରଙ୍କ କବିତା ଋଦ୍ଧିମନ୍ତ କରିଛି। ପ୍ରତ୍ୟେକ ବର୍ଗଙ୍କୁ ଏଥିରୁ ପ୍ରେରଣା ମିଳି ପାରୁଥିବା ସେମାନେ ଦର୍ଶାଇଥିଲେ। ପରିଷଦ ସମ୍ପାଦକ ସରୋଜ କୁମାର ମହାନ୍ତି, ଅଧ୍ୟାପକ ପବିତ୍ର ସାହୁ, ପଦ୍ମିନୀ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।



ଉତ୍ସବରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

# ଜୀବନ ଈଶ୍ୱରଙ୍କ ଦୂତର ସ୍ୱରୂପ ହେଉ



ହନୁମାନ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ଅବସରରେ ସ୍ୱାମୀ ଚିଦାନନ୍ଦ ମହାରାଜ ପ୍ରବଚନ ଦେଉଛନ୍ତି।

**ପାଟକୁରା ,୭।୩ (ରବୀନ୍ଦ୍ର ନାଥ ବାରିକ)**

ଇଣ୍ଟରନ୍ୟାଶନାଲ ଗୀତା ମିଶନ୍‌ର ଅଧ୍ୟକ୍ଷ ଡ. ସ୍ୱାମୀ ଚିଦାନନ୍ଦ ମହାରାଜ ଗରଦପୁର ବ୍ଲକ୍ ପନ୍ଦିଆ ଗ୍ରାମରେ ନବ ନିର୍ମିତ ହନୁମାନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୩ ଦିନିଆ କାର୍ଯ୍ୟକ୍ରମକୁ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟନ କରି କହିଲେ, ଆମେ ମନୁଷ୍ୟ ଜନ୍ମ ଲାଭ କରିବା ହିଁ ଈଶ୍ୱରଙ୍କ ପ୍ରଥମ କୃପା ଅଟେ। କାରଣ ଆମ ଭିତରେ ଈଶ୍ୱର ଆମ ଜନ୍ମରୁ ହିଁ ଦିବ୍ୟ ଜ୍ଞାନ ଦେଇ ସଂସାରରେ ଜନ୍ମ ଦେଇଛନ୍ତି। ଇନ୍ଦ୍ରିୟମାନଙ୍କୁ ଶୃଙ୍ଖଳିତ କରି ଶାସ୍ତ୍ରାନୁକୂଳ କର୍ମ ସମ୍ପାଦନ କରିବା ଆମମାନଙ୍କର ଧର୍ମ ହେବା ଉଚିତ। ବିଚାରବନ୍ତ ଭାବେ ବୁଦ୍ଧିର ସୁବିନିଯୋଗ କରି ଜୀବନ ଈଶ୍ୱର ଦୂତର ସ୍ୱରୂପ ହେଉ ବୋଲି ସ୍ୱାମିଜୀ ଆର୍ଶିବଚନ ପ୍ରଦାନ କରିଥିଲେ। ହନୁମାନଙ୍କ ପରିଚୟ ରାମଦୂତ ହିଁ ଥିଲା। ପ୍ରାରମ୍ଭରେ ରାମାୟଣୀ ପଣ୍ଡିତ ଅର୍ଭ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦୂର ଆଶ୍ରମର ସଞ୍ଚାଳକ ବିପିନ ବିହାରୀ ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ। ଆଖପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ରବି ନାରାୟଣଙ୍କ ଜୀବନ ଆଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣା

**ରାଜକନିକା,୭।୩ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)**


ସଭାରେ ଏମ୍‌ପି ବୈଜୟନ୍ତ ପଣ୍ଡା ଓ ଅନ୍ୟମାନେ।

ଗାନ୍ଧି ବିଚାରଧାରାର ସମାଜଚିନ୍ତକ, ଭୂଦାନ, ସର୍ବୋଦୟ, ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନର ଜଣେ ଅଗ୍ରଣୀ ଆନ୍ଦୋଳନକାରୀ ଭାବେ ପରିଚିତ ରାଜକନିକା ବ୍ଲକ ତରାସ ଗାଁର ରବି ନାରାୟଣ ଜେନାଙ୍କ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ ଓ ଜିଲା ଉପସଭାପତି ତଥା ଆଳି ନିର୍ବାଚନମଣ୍ଡଳୀ ନେତା କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ରବିନାରାୟଣଙ୍କ ଜୀବନ ଆଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି ମତବ୍ୟକ୍ତ କରିଛନ୍ତି। ସେ ଜନସେବକ ଭାବେରେ ରମାଦେବୀଙ୍କ ନୀତି ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ଭୂଦାନ ଆନ୍ଦୋଳନ, ବାଲ୍ୟ ବିବାହ, ନିଶା ନିବାରଣ ଆଦି ସମାଜ ସଂସ୍କାର କାର୍ଯ୍ୟରେ ସମଗ୍ର ଜୀବନ ଉତ୍ସର୍ଗ କରଥିଲେ। ସମାଜ ସଂସ୍କାରକ ଜୟପ୍ରକାଶ ନାରାୟଣଙ୍କ ସଂସ୍ପର୍ଶରେ ଆସି ବିହାର ମରୁଡ଼ି ଦୁର୍ବିପାକ ସମୟରେ ଜନସେବାରେ ନିଜକୁ ନିୟୋଜିତ କରିବା, କଳାହାଣ୍ଡି କୋରାପୁଟର ମରୁଡ଼ି ମଣିଷ ଭାବେ ଖ୍ୟାତ ରବିନାରାୟଣ ଠକରପାପା ଆଶ୍ରମର ପରିଚାଳନା ଦାୟିତ୍ୱ ମଧ୍ୟ ନିର୍ବାହ କରିବା ସହ ନିଜ ଜୀବନର ସମସ୍ତ ସମୟକୁ ସାମାଜିକ କାମରେ ସମର୍ପଣ ପାଇଁ ତାଙ୍କୁ ଏ ମାଟି ସବୁଦିନ ଝୁରିହେବ ବୋଲି ମତପ୍ରକାଶ ପାଇଥିଲା। ପୂର୍ବାହ୍ନ ୧୧ ଟାରୁ ତରାସର ନେତାଜୀ କ୍ଲବ ପରିସରରେ ଅନୁଷ୍ଠିତ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତି ଚାରଣ ସଭାରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି, ବିଶିଷ୍ଟ ଶିକ୍ଷାବିତ୍, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଯୁବବର୍ଗ, ଗ୍ରାମବାସୀ ଉପସ୍ଥିତ ରହି ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସମସ୍ତେ ବୃକ୍ଷରୋପଣ କରି ରବି ଭାଇଙ୍କ ଅମ୍ଳାନ ସ୍ମୃତି ବଖାଣିବା ସହ ଗଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଏକ ସ୍ମରଣିକା ଅତିଥିମାନେ ଉନ୍ମୋଚନ କରିଥିଲେ।

# ମଣ୍ଡଳସ୍ତରୀୟ ପୋଷଣୀୟ ଜୀବନଶୈଳୀ ଆଧାରିତ ବିଜ୍ଞାନଭିତ୍ତିକ ମେଳା

**ରଘୁନାଥପୁର,୭।୩ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ୍ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ମଣ୍ଡଳସ୍ତରୀୟ ପୋଷଣୀୟ ଜୀବନଶୈଳୀ ଆଧାରିତ ବିଜ୍ଞାନଭିତ୍ତିକ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ୫୦ ସ୍କୁଲରୁ ଗୋଟିଏ ଲେଖାଏ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରତି ସ୍କୁଲରୁ ଜଣେ ଛାତ୍ରୀ କିମ୍ବା ଛାତ୍ରଙ୍କ ସହ ଜଣେ ଶିକ୍ଷକ ମେଳାକୁ ପ୍ରକଳ୍ପ ନେଇ ଆସିଥିଲେ। ପୂର୍ବାହ୍ନରେ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ବିଆର୍‌ସିସି ରଜନୀକାନ୍ତ ରାୟଙ୍କ ପରିଚାଳନାରେ ଆୟୋଜିତ ସଭାରେ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତୀଲତା ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଏବିଇଓ ଆଶୁତୋଷ ବାନାର୍ଜୀ, ସିଆର୍‌ସିସି ସୋନା ମହାନ୍ତି, ସୁକାନ୍ତ କୁମାର ଦ୍ୱିବେଦୀ ଓ ଚିନ୍ମୟ ରଥ ଉପସ୍ଥିତ ଥିଲେ। ଏହି ବିଜ୍ଞାନଭିତ୍ତିକ ସଚେତନତା କାର୍ଯ୍ୟକ୍ରମରେ ପ୍ରାକୃତିକ ସମ୍ପଦର ସୁବିନିଯୋଗ ଓ ମିତବ୍ୟୟତା ସମ୍ପର୍କିତ ପ୍ରକଳ୍ପ ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏହି ଅବସରରେ ମୁଖ୍ୟତଃ ଶକ୍ତି ସଞ୍ଚୟ, ଜଳ ସଞ୍ଚୟ, ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ, ବର୍ଜ୍ୟ ହ୍ରାସିକରଣ, ସୁସ୍ଥ ଜୀବନଶୈଳୀ ଓ ଇଲେକ୍ଟ୍ରୋନିକ ବର୍ଜ୍ୟ ହ୍ରାସ ଆଧାରିତ ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାରଣା, କୈଳାସ ଚନ୍ଦ୍ର ପରିଡା ଓ ଶ୍ରୀବତ୍ସ ଆଚାର୍ଯ୍ୟ ବିଚାରକ ଦାୟିତ୍ୱରେ ଥିଲେ। ଏହି ଅବସରରେ ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ମେଳାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜୟପ୍ରକାଶ ଶିକ୍ଷାନିକେତନର ସୁଶ୍ରୀ ସୋନାଲି ପଣ୍ଡାଙ୍କୁ ୮ ଶହ ଟଙ୍କା, ୨ୟ ସ୍ଥାନରେ ଥିବା ଏଚ୍‌ଏମଟି ବିଦ୍ୟାପୀଠର ଶ୍ରୀୟା ପ୍ରିୟଦର୍ଶିନୀ ନାୟକଙ୍କୁ ୭ ଶହ ଟଙ୍କା ଓ ୩ୟ ସ୍ଥାନ ହାସଲ କରିଥିବା ନାଳିବର ହାଇସ୍କୁଲର ସୁଭଲକ୍ଷ୍ମୀ ନାୟକଙ୍କୁ ୫ ଶହ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଅପରାହ୍ନରେ ମେଳା ଶେଷ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକମାନେ ସହଯୋଗ କରିଥିଲେ।



ବିଜ୍ଞାନଭିତ୍ତିକ ମେଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଫାୟାର ଲାଇନ ବି ରୋକିପାରୁନି ଜଙ୍ଗଲ ନିଆଁ



ଜଙ୍ଗଲରେ ଫାୟାର ଲାଇନରେ ନିଆଁ ଲାଗିଛି।

- ଗଛର ପତ୍ରଝଡ଼ା ପରେ ବଢ଼େ ବିପଦ
- ମାର୍ଚ୍ଚ ମାସରୁ ଜଳିଲାଣି ଜଙ୍ଗଲ

ନୟାଗଡ଼, ୭।୩(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡରେ ଚିନ୍ତାର କାରଣ ଜଙ୍ଗଲ ନିଆଁ। ଗଛର ପତ୍ରଝଡା ପରେ ନିଆଁ ଲାଗିଥାଏ। ଫେବୃଆରୀ ମାସରୁ ଆରମ୍ଭ ହୋଇଥାଏ ଜଙ୍ଗଲରେ ନିଆଁ ଲାଗିବା। ଚଳିତ ବର୍ଷ ଦଶପଲ୍ଲାର ବାଣିଗୋଛା, ଟାକରା, ଚଢ଼େୟାପଲ୍ଲୀ ସେକସନ ସମେତ ବାଣିଗୋଛା ବନ୍ୟପ୍ରାଣୀ ବନାଞ୍ଚଳ, ପଞ୍ଚରିଡା ରେଞ୍ଜରେ ମାର୍ଚ୍ଚ ମାସରୁ ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ କଲାଣି। ଜଙ୍ଗଲରେ ନିଆଁ ମନୁଷ୍ୟକୃତ ହୋଇଥିଲେ ହେଁ ଏହା ଉପରେ ଲଗାମ ଲାଗି ପାରୁନି। ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଅଗ୍ନି ନିରୋଧକ ପଟି (ଫାୟାର ଲାଇନ୍) କରୁଥିଲେ ହେଁ ନିଆଁ ଲାଗିବା କମୁନାହିଁ।

ବଣ ଜଙ୍ଗଲ ଘେରା ନୟାଗଡ଼ ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ସହର ସମେତ ଜିଲାର ବିଭିନ୍ନ ଗାଁ ଧୂଆଁମୟ ହୋଇଯାଉଛି। ଯାହାର ଭୟାବହତା ୨୦୨୧ ଫେବୃଆରୀ ଓ ମାର୍ଚ୍ଚରେ ଦେଖିବାକୁ ମିଳିଥିଲା। ଜିଲା ସଦର ମହକୁମାରେ ସହର ସାରା ଧୂଆଁ ଜମି ରହିଥିଲା। ନିଆଁ, ଧୂଆଁରେ ଆଖି ପୋଡିଥିଲା, ଏପରିକି ନିଃଶ୍ୱାସ ପ୍ରଶ୍ୱାସ ନେବା କଷ୍ଟ ହୋଇଥିଲା। ନିଆଁର ପ୍ରକୋପ କମିବା ବଦଳରେ ବଢ଼ିବା କାରଣରୁ ଆକାଶ ମେଘାଛନ୍ନ ଥିବାବେଳେ ପରିବେଶରେ ଧୂଆଁ କୁହୁଡିର ଭ୍ରମ ସୃଷ୍ଟି କରିଥିଲା। ସେହିବର୍ଷ ନିଆଁରେ ପୋଡ଼ି ହୋଇ କେତେକ ବନ୍ୟ ଜୀବଜନ୍ତୁ ପ୍ରାଣ ହରାଇଥିଲେ। କେତେକ ଜୀବଜନ୍ତୁ ଗାଁ ଓ ସହର ମୁହାଁ ହୋଇ ଶିକାରୀଙ୍କ ଶିକାର ପାଲଟି ଥିଲେ। ଗଛର ପତ୍ରଝଡ଼ା ସମୟରେ ଜଙ୍ଗଲରେ ନିଆଁ ଲଗାଇ ଜୀବଜନ୍ତୁଙ୍କୁ ସୁବିଧାରେ ଶିକାରୀ ଶିକାର କରାଯାଏ। ସେହିପରି ଅଙ୍ଗାର ପାଇଁ ମଧ ଜଙ୍ଗଲରେ ନିଆଁ ଲାଗେ। କିଛି ଲୋକ ପୋଡୁ ଚାଷ କରି ଜଙ୍ଗଲକୁ ପଦା କରିବା ପାଇଁ ନିଆଁ ଲଗାଇଥାନ୍ତି। ବିଡ଼ି, ସିଗାରେଟ ଖାଇ ଫୋପାଡି ଦେବା ପରେ ବି ଜଙ୍ଗଲରେ ନିଆଁ ଲାଗେ। ଆଉ କିଛି ଲୋକ ପ୍ରତିବର୍ଷ ଜାଣିଶୁଣି ନିଆଁ ଲଗାଇ ଦିଅନ୍ତି। ଏପରି ବିଭିନ୍ନ କାରଣରୁ ଜଙ୍ଗଲ ଜଳେ। ନିଆଁ ଲଗାଇବା ଦଣ୍ଡନୀୟ ଅପରାଧ। ନିଆଁ ଲଗାଉଥିବା ବ୍ୟକ୍ତିଙ୍କୁ ଓଡ଼ିଶା ଜଙ୍ଗଲ ଆଇନ ୧୯୭୨ ଧାରା ୨୭(୧)(ଏ)୩(ବି) ଅନସାରେ ୩ରୁ ୭ବର୍ଷ ଜେଲ ଦଣ୍ଡ ରହିଛି। ସବୁ ସତ୍ତ୍ୱେ ଜଙ୍ଗଲରେ ନିଆଁ ଲାଗିବା ପ୍ରତିବର୍ଷ ବଢ଼ି ଚାଲିଛି।

## ୬୫୮ କି.ମି. ହେବ ଫାୟାର ଲାଇନ୍

ନୟାଗଡ଼ ବନଖଣ୍ଡରେ ୬୫୮ କମି ଚଳିତ ବର୍ଷ ଫାୟାର ଲାଇନ ହେବ। ଏଣୁ ବନ ବିଭାଗ ପକ୍ଷରୁ ଫାୟାର ଲାଇନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ନୟାଗଡ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ କହିଛନ୍ତି, ନୟାଗଡ଼ ବନଖଣ୍ଡର ୭ଟି ରେଞ୍ଜ ମଧ୍ୟରୁ ନୟାଗଡ଼ ରେଞ୍ଜରେ ୫୮ କି.ମି. ଓ ଅନ୍ୟ ୬ଟି ରେଞ୍ଜରେ ୧୦୦ କି.ମି. ଲେଖାଏ ଏପରି ମୋଟରେ ୬୫୮ କିଲୋମିଟର ଅଗ୍ନି ନିରୋଧକ ପଟି (ଫାୟାର ଲାଇନ୍ ) ତିଆରି ହେବ। ଫାୟାର ଲାଇନ ଯୋଗୁ ନିଆଁ ଅଟକି ଯିବ। ଲିଭାଇବାକୁ ସୁବିଧା ହେବ। ଅନ୍ୟପକ୍ଷେ ନିଆଁ ଲିଭାଇବା ପାଇଁ ପ୍ରତି ରେଞ୍ଜରେ ଗାଡ଼ି ଓ ନିଆଁ ଲିଭାଳି ଦଳ ନିୟୋଜିତ ହେବେ। ପୁଣି ବନଖଣ୍ଡରେ ନିଆଁ ଲିଭାଳି ଦଳ, ଫରେଷ୍ଟ ପ୍ରୋଟେକଶନ ସ୍କ୍ୱାର୍ଡ ଓ ୱାଇଲ୍ଡ ଲାଇଫ ପ୍ରୋଟେକଶନ ସ୍କ୍ୱାର୍ଡ ନିୟୋଜିତ ରହିବେ। ନିଆଁକୁ ଆୟତ କରିବାକୁ ଫାୟାର ବ୍ଲୋୟେର ବ୍ୟବହାର ହେବ। ବନ ସୁରକ୍ଷା ସମିତି ମଧ ନିଆଁ ଲିଭାଇବାରେ ସହଯୋଗ କରିବେ। ଫେବୃଆରୀରୁ ଗଛ ପତ୍ରଝଡ଼ା ଦେବା ଆରମ୍ଭ କରିଥିବାରୁ ଫାୟାର ଲାଇନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୁଣି ନିଆଁ ନ ଲାଗିବା ପାଇଁ ପାଲା, ଦାସକାଠିଆ ମାଧ୍ୟମରେ ସଚେତନତା ଚାଲୁ ରହିଛି ବୋଲି ସେ କହିଛନ୍ତି। ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁଙ୍କୁ ପଚାରିବାରେ ଜଙ୍ଗଲ ନିଆଁ ନେଇ ଅଧିକ ସଚେତନତାର ଆବଶ୍ୟକତା ରହିଛି। ଏଥିପାଇଁ ବର୍ଷତମାମା ଚେଷ୍ଟା ଜାରି ରହିବା ଦରକାର ବୋଲି ସେ କହିଛନ୍ତି।



ଜଙ୍ଗଲରେ ନିଆଁ ନ ଲଗାଇବାକୁ ପାଲା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି।

# ବିଲୁପ୍ତ ଗଛର ସୁରକ୍ଷା ପାଇଁ ପଦକ୍ଷେପ



ଏକ ଔଷଧୀୟ ବୃକ୍ଷ।

ନୟାଗଡ଼,୭।୩(ଲୋକନାଥ ମିଶ୍ର)

ନୟାଗଡ଼ ଏକ ପାହାଡିଆ ଅଞ୍ଚଳ ହୋଇଥିଲେ ହେଁ ଧୀରେ ଧୀରେ ଗାଁରୁ ଶିମିଳି, ପାଳଧୁଆ, ପଳାଶ, ଲତା ପଳାଶ, ଡିମ୍ବିରି, ମଞ୍ଜାରୀ, କେନ୍ଦୁ, କୁସୁମ, ମାଙ୍କଡ କେନ୍ଦୁ, ତଳ ଖଜୁରୀ, ଜଙ୍ଗଲ କୋଳି, କଣ୍ଟେଇ କୋଳି, ଆଙ୍କୁଲ, କୋଚିଲା, ଅଡୁଙ୍ଗା ପରି ଅନେକ ଗଛ ବିଲୁପ୍ତ ହୋଇ ଚାଲିଛି। ଏହାର ସୁରକ୍ଷା ଓ ଚାରା ସୃଷ୍ଟି କରାଯାଇ ରୋପଣ କରାଯାଉ ନ ଥିବାରୁ ଏ ସବୁ ଗଛ ପୂରା ଲୋପ ହେବାକୁ ବସିଛି। ଏଥିରୁ ଅଧିକାଂଶ ଔଷଧ ପାଇଁ ବ୍ୟବହାର କରାଯାଉଥିବାବେଳେ ବଣର ପ୍ରାଣୀ ଓ ପକ୍ଷୀଙ୍କ ଖାଦ୍ୟରେ ଲାଗିଥାଏ। ସମ୍ପୃକ୍ତ ଗଛଗୁଡିକ ଧ୍ୱଂସ ପାଇବାର ଆଖି ଆଗରେ ରଖି କଣ୍ଟିଲୋରେ ପରିବେଶବିତ୍ ଗଛ ସାର ଅନ୍ତର୍ଯ୍ୟାମୀ ସାହୁ ଆଗେଇ ଆସି ସୁରକ୍ଷା ଦେବା ସହ ବିଭିନ୍ନ ସ୍ଥାନରେ ଗଛ ଲଗାଇ ଚାଲିଛନ୍ତି। ଏପରିକି କର୍ମଶାଳା ଓ ସଚେତନତା ସୃଷ୍ଟି କରିବାରେ ସେ ଲାଗି ପଡ଼ିଛନ୍ତି।

# ଫାଇନାଲରେ ଧର୍ମଶାଳା ଫୁଟ୍‌ବଲ ଟିମ୍

## ରାଜ୍ୟସ୍ତରୀୟ ଭାପୁର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ନୟାଗଡ଼,୭।୩ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଭାପୁର ବ୍ଲକ ଭାପୁର ମହୋତ୍ସବ ପଡ଼ିଆରେ ସମ୍ପର୍କ କ୍ଲବ ଯୁବକ ସଂଘ ଓ ମୋ ମାଟି ଭାପୁର ଅନୁଷ୍ଠାନ ସହଯୋଗରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଚାଲିଛି। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ ଧର୍ମଶାଳା ଫୁଟ୍‌ବଲ ଟିମ୍ ଯାଜପୁର ୧-୦ ଗୋଲରେ ବଜରଙ୍ଗୀ କ୍ଲବ ଘାଟିକିଆ ଭୁବନେଶ୍ୱରକୁ ପରାସ୍ତ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଖେଳର ୧୩ତମ ମିନିଟ୍‌ରେ ଯାଜପୁର ଟିମ୍‌ର ୧୧ ନଂ. ଜର୍ସି ପବିତ୍ର କୁମାର ଦାସ ଗୋଟିଏ ଗୋଲ କରିଥିଲେ।

ଦ୍ୱିତୀୟାର୍ଦ୍ଧରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଭାପୁର ବିଡିଓ ଶାରଦା ପ୍ରସନ୍ନ ପଣ୍ଡା, ସମ୍ମାନିତ ଅତିଥି ଭାବେରେ ଆରିକିମା ପଞ୍ଚାୟତର ସରପଞ୍ଚ ପ୍ରମୋଦ କୁମାର ରାଉତରାୟ, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ନାୟକ, ସଂଗ୍ରାମ ପଟ୍ଟନାୟକ, ସମାଜିକ କର୍ମୀ ସୁବୁଦ୍ଧି ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ମ୍ୟାଚକୁ ମୁଖ୍ୟ ରେଫରୀ ରାଜୁ ମହାନ୍ତି ପରିଚାଳନା କରିଥିଲାବେଳେ ଓ ଲାଇନରେ ପ୍ରଫୁଲ୍ଲ କୁମାର ବେହେରା, ପ୍ରସନ୍ନ ନାୟକ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଭାବେ ସାଗୀର ଅହମ୍ମଦ କାର୍ଯ୍ୟ ସମ୍ପାଦନ କରିଥିଲେ। ମ୍ୟାଚ କମିଶନର ଭାବରେ ଅବଦୁଲ୍ ଦୟାନ୍ ଖାଁ ଓ ଖେଳର ଧାରାବିବରଣୀ ଶରତ କୁମାର ମହାପାତ୍ର ପ୍ରଦାନ କରିଥିଲେ। ରବିବାର ଗ୍ରାଣ୍ଡ ଫାଇନାଲ ମ୍ୟାଚ ଧର୍ମଶାଳା ଫୁଟ୍‌ବଲ ଟିମ୍ ଯାଜପୁର ସହ ମା' ମଙ୍ଗଳା କ୍ଲବ କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ଲବର ସଭାପତି ନେତ୍ରାନନ୍ଦ ନାୟକଙ୍କଠାରୁ ସୂଚନା ମିଳିଛି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।



@ ପ୍ରଦୀପ



@ ରୁବିସ୍ମିତା





@ ସତ୍ୟସ୍ୱିନୀ



@ ସୌମ୍ୟରଞ୍ଜନ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆମ ସଂସ୍କୃତି ଆମ ଖେଳନା

ଦଶପଲ୍ଲା,୭।୩ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ତେଣ୍ଡାବାଡି ପଞ୍ଚାୟତ କୁସୁମକଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ଘଡ଼େଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ରୂପେ ସିଆର୍‌ସିସି ସରୋଜ କୁମାର ସାହୁ, ଡା. ପ୍ରଫୁଲ୍ଲ କୁମାର ଦାଶ, ପରିଚାଳନା କମିଟି ସଭାପତି ଅମର କୁମାର ବେହେରା, ମୋ ସ୍କୁଲ ସଭାପତି ଭାସ୍କର ବେହେରା, ୱାର୍ଡ ମେମ୍ବର ସବିତା ମାଝି, ଅବସରପ୍ରାପ୍ତ ଶିକ୍ଷକ ଯୁଗଳ କିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ହାତ ତିଆରି କିଛି ଖେଳନା ପ୍ରଦର୍ଶନ କରାଯିବା ସହ ପ୍ରତି ଶ୍ରେଣୀରେ ଅଧିକ ନମ୍ବର ରଖିଥିବା ୫ଟି ଶ୍ରେଣୀର ୧୫ ଜଣ ପିଲାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିସହ ପରିଚାଳନା କମିଟି ସଦସ୍ୟମାନଙ୍କୁ ମଧ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶୁଭଲକ୍ଷ୍ମୀ, ତପସ୍ୱିନୀ, ପଦ୍ମାବତୀ, ରଜନୀ ପ୍ରଭୃତି ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଶିକ୍ଷକ ସନ୍ତୋଷ ହୋତା ଧନ୍ୟବାଦ ଦେଇଥିଲେ।





ଅତିଥିଙ୍କ ଗହଣରେ ପିଲାମାନେ ଆଙ୍କିଥିବା ଚିତ୍ରକୁ ପ୍ରଦର୍ଶନ କରୁଛନ୍ତି।

# ପ୍ରଜ୍ଞାଙ୍କ 'ସୋମରସ ନାଟକ'ରେ ହସି ହସି ବେଦମ ହେଲେ ଦର୍ଶକ

## ରାଜ୍ୟସ୍ତରୀୟ ନାଟ୍ୟମେଳା ଉଦ୍‌ଯାପିତ

ନୟାଗଡ଼, ୭।୩(ଲୋକନାଥ ମିଶ୍ର)

ନୟାଗଡ଼ର ନାଟ୍ୟଧାରା ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଅନୁକୂଲ୍ୟରେ ୬ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ନାଟ୍ୟମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ହାସ୍ୟରସାତ୍ମକ ନାଟକ 'ସୋମରସ'। ଆଜିକାଲି ଦୁନିଆରେ ପରିବର୍ତ୍ତନର ମାହୋଲ ଚାଲିଛି। ମଣିଷର ଚାଲି ଚଳନ, ଆଚାର ବ୍ୟବହାର, ସମ୍ପର୍କ ସବୁକିଛି ବଦଳିବାରେ ଲାଗିଛି। ନିଜ ହାତରେ ନିଜେ ୨୨ ହାତେ। ଯେକୌଣସି କାମ ପାଇଁ ସାହାଯ୍ୟର ହାତ ବଢ଼ାଇଲେ ଖୋସାମତି କରିବାକୁ ପଡୁଛି। ଶୁଭକାମ ହେଉ କିମ୍ବା ବିପଦ ବେଳେ, ବିନା ସୋମରସ ବା ବିନା ମଦରେ କୌଣସି ବି କାମ





ନାଟକର ଏକ ଦୃଶ୍ୟରେ ହାସ୍ୟ ଅଭିନେତା ପ୍ରଜ୍ଞା ରଞ୍ଜନ ଖଟୁଆ ଓ ଅନ୍ୟମାନେ।

ହେଉନି। ବର୍ତ୍ତମାନ ସମାଜର ମୁଖ୍ୟ ରସ ହେଉଛି ସୋମରସ। ଏପରି ଏକ ବିଷୟ ବସ୍ତୁକୁ ନେଇ ମଞ୍ଚସ୍ଥ ହୋଇଥିଲା ନାଟକ ସୋମରସ। ଚଳଚ୍ଚିତ୍ର ଓ ଟିଭି ଜଗତର ସୁପ୍ରସିଦ୍ଧ ହାସ୍ୟ କଳାକାର ପ୍ରଜ୍ଞାରଞ୍ଜନ ଖଟୁଆଙ୍କ ରଚିତ ଏବଂ ନିର୍ଦ୍ଦେଶିତ ଏହି ନାଟକକୁ ଭୁବନେଶ୍ୱରର ମ୍ୟାଜିକ ଥିଏଟରର କଳାକାରମାନେ ପରିବେଷଣ କରିଥିଲେ। ଏଥିରେ ବିଭିନ୍ନ ଭୂମିକାରେ ସୁକେଶ କୁମାର, କାବୁ, ନିରଞ୍ଜନ, ଚିରଞ୍ଜୀବ, ସୁଜିତ, ବିପ୍ଳବ, ରମେ, ମୁନା, ସ୍ୱରୂପ, ଶିବ, ସୋମି, ପ୍ରକାଶ, ମଳୟ, ପ୍ରଜ୍ଞା, ଶୁଭଙ୍କର ଏବଂ ତପସ୍ୟା ଅଂଶ ଗ୍ରହଣ କରି ନାଟକକୁ ବେଶ ଲୋକପ୍ରିୟ କରାଇଥିଲେ। ମଞ୍ଚସଜ୍ଜାରେ ପ୍ରଜ୍ଞା, ଆଲୋକରେ ଆପୁ ସଙ୍ଗୀତରେ ରାଜ ଏବଂ କଣ୍ଠଦାନ କରିଥିଲେ ଅନୁରାଗ। ଉଦ୍‌ଯାପନୀ ଦିବସରେ ଜନାର୍ଦ୍ଦନ ମିଶ୍ରଙ୍କୁ ନାଟ୍ୟ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା।

ଭାପୁର ବ୍ଲକ ଅନ୍ତର୍ଗତ ନୂଆଗାଁ ବାରବାଟୀ ଅଞ୍ଚଳର ଗାୟକ ସାମନ୍ତ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ଏବଂ ଇଟାମାଟି ପ୍ରଗତି ଚିତ୍ରାଳୟର ପ୍ରଶାନ୍ତ କୁମାର ସାହୁଙ୍କୁ ଉପଢୌକନ ଏବଂ ମାନପତ୍ର ଦିଆଯାଇ ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ନାଟ୍ୟଧାରା ସଭାପତି ପ୍ରମୋଦ ପଟ୍ଟନାୟକ, ଉପ ସଭାପତି ବିଶ୍ୱନାଥ ମହାପାତ୍ର, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ଚୌଧୁରୀଙ୍କ ସମେତ ନାଟ୍ୟଧାରା ପରିବାର ପକ୍ଷରୁ ଗଣମାଧ୍ୟମ ସଂଯୋଜକ ଲକ୍ଷ୍ମୀଧର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ପ୍ରଶାନ୍ତ କୁମାର ପଟ୍ଟନାୟକ, ଅଶୋକ ମଲ୍ଲ ପ୍ରମୁଖ ନାଟ୍ୟମେଳା ପରିଚାଳନାରେ ସହଯୋଗ କରିଥିଲେ।

# ଟ୍ରକ୍ ତଳେ ଚାପିହୋଇ ନାବାଳକଙ୍କ ମୃତ୍ୟୁ

**ରାମ୍‌କୋ ସିମେଣ୍ଟ କାରଖାନାରେ ଦୁର୍ଘଟଣା**

■ ମୃତଦେହ ଲୁଚାଇ ମାମଲା ଚାପିଦେବାକୁ ଚକ୍ରାନ୍ତ ଅଭିଯୋଗ

ଯାଜପୁର/କାଏମା, ୭ା୩ (ହର୍ଷବର୍ଦ୍ଧନ ବେହେରା/ଶିବପ୍ରସାଦ ମହାନ୍ତି)


ମୃତକଙ୍କ ପରିବାର ଲୋକଙ୍କ ସହ ପୋଲିସ ଆଲୋଚନା କରୁଛି ।

ଯାଜପୁର ଜିଲା ଧର୍ମଶାଳା ଥାନା ହରିଦାସପୁର ନିକଟରେ ଥିବା ରାମ୍‌କୋ ସିମେଣ୍ଟ କାରଖାନାରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢେ ୯ଟାରେ ଜଣେ ନାବାଳକଙ୍କ ଉପରେ ଲୋଡିଂ ଗାଡି ଚଢ଼ିଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ଜଣକ ହେଉଛନ୍ତି ଜେନାପୁର ଥାନା ଶ୍ୟାମସୁନ୍ଦରପୁର ଗ୍ରାମର ଗୋପୀନାଥ ଦାସଙ୍କ ପୁଅ ମାଧବ ଦାସ(୧୭)। ଏହି ଘଟଣା ସାଧାରଣରେ ପ୍ରଘଟ ହେବା ଆଶଙ୍କାରେ କମ୍ପାନୀ କର୍ତ୍ତୃପକ୍ଷ ମୃତଦେହକୁ ଲୁଚାଇ ଦେଇଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ଜଣାପଡ଼ିଛି ଯେ, ସକାଳେ ମାଧବ ନିଜ ବଡ଼ଭାଇଙ୍କ ଟ୍ରକ୍‌ରେ ପ୍ଲାଣ୍ଟ ଭିତରକୁ ଯାଇଥିଲେ। ତେବେ ଲୋଡିଂ ସାଇଡ୍‌ରେ ଅସାବଧାନତା ଯୋଗୁ ମାଧବଙ୍କ ଉପରେ ଗାଡ଼ି ଚଢ଼ିଯାଇଥିଲା। କାରଖାନା କର୍ତ୍ତୃପକ୍ଷ ତରବରିଆ ଭାବରେ ଚିକିତ୍ସା ନାଁରେ ମୃତଦେହକୁ ଗୋଟିଏ ଆମ୍ବୁଲାନ୍ସରେ କୁଆଡ଼େ ନେଇଯାଇଥିଲେ। ଶବ ଫେରାଇଦେବା ସହ ଉପଯୁକ୍ତ ନ୍ୟାୟ ଦାବିରେ ପରିବାର ଲୋକେ ଓ ସ୍ଥାନୀୟ ଗ୍ରାମବାସୀ କାରଖାନା ଫାଟକ ସମ୍ମୁଖରେ ହୋହାଲ୍ଲା କରିବା ସହ ଧାରଣାରେ ବସିଛନ୍ତି। ପରିବାର ଲୋକଙ୍କ କହିବା ଅନୁସାରେ, ତାଙ୍କ ପୁଅକୁ ୧୭ ବର୍ଷ ହୋଇଥିବାବେଳେ କାରଖାନା ଭିତରକୁ କିପରି ପ୍ରବେଶ ଅନୁମତି ଦିଆଗଲା। କୌଣସି କାରଣରୁ ମାଧବଙ୍କୁ ପିଟି ହତ୍ୟା କରିବା ପରେ ଦୁର୍ଘଟଣାର ରୂପ ଦିଆଯାଉଛି। ଏହାବାଦ୍ ଭୟରେ ଶବକୁ କୁଆଡେ ଉଭାନ କରି ଦିଆଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ଧର୍ମଶାଳା ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ କାରଖାନା ସମ୍ମୁଖରେ ଗୋଟିଏ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏହାସହ କାରଖାନା ପରିସରରେ ମୃତକଙ୍କ ପରିବାରବର୍ଗ, ସ୍ଥାନୀୟ ଲୋକ ଏବଂ ଧର୍ମଶାଳା ଥାନାଧିକାରୀ ରଞ୍ଜନ କୁମାର ମାଝୀ, ଜେନାପୁର ଥାନାଧିକାରିଣୀ ନିରୁପମା ଜେନା ଏବଂ ରାକ୍‌କୋ କର୍ତ୍ତୃପକ୍ଷଙ୍କ ମଧ୍ୟରେ ୨ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଏଥିରେ ମୃତକଙ୍କ ବଡ଼ ଭାଇଙ୍କୁ କାରଖାନାରେ ନିଯୁକ୍ତି ପ୍ରତିଶ୍ରୁତି ଦେବା ସହ ଶବ ସଂସ୍କାର ପାଇଁ ୫୦ ହଜାର ଟଙ୍କା ସହାୟତା ଦେବେ ବୋଲି ଧର୍ମଶାଳା ଥାନାଧିକାରୀ ମାଝୀ ସୂଚନା ଦେଇଛନ୍ତି।

ସୂଚନାଥାଉ କି, ପ୍ରଭାବିତ ଓ କ୍ଷତିଗ୍ରସ୍ତ ଲୋକଙ୍କ ସହିତ ଜନଶୁଣାଣି ନ କରି ସିମେଣ୍ଟ କମ୍ପାନୀ ରାମ୍‌କୋ ଗତ ପ୍ରାୟ ୬ ବର୍ଷ ହେଲା ଉତ୍ପାଦନ ଚଳାଇଛି। ଏଥିରେ ରାଜ୍ୟ ସରକାର ସମସ୍ତ ପ୍ରକାର ଅନୁମତି ପ୍ରଦାନ କରିଛନ୍ତି। ରେଳପଥରେ କଞ୍ଚାମାଲ ଓ ଉତ୍ପାଦିତ ସାମଗ୍ରୀର ପରିବହନ କରାଯିବ ବୋଲି ଦର୍ଶାଇ ରାମ୍‌କୋ ବହୁ ଗୁରୁତ୍ୱପୂର୍ଣ୍ଣ ଜନଶୁଣାଣିକୁ ବାଦ୍ ଦେଇଛି। କିନ୍ତୁ ସଡ଼କ ପଥରେ ପରିବହନ ଚାଲିଥିବା ଏହି ଦୁର୍ଘଟଣାରୁ ସ୍ପଷ୍ଟ ବାରି ହୋଇ ପଡୁଛି। ତଥାପି ଜିଲା ପ୍ରଶାସନ କିମ୍ବା ସରକାର କିଭଳି ରାମ୍‌କୋ ସିମେଣ୍ଟକୁ ଉତ୍ପାଦନ ଅନୁମତି ଦେଇ ଆସୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ଅର୍ଥାତ୍ ୨୦୨୨ ମେ' ମାସରେ ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଓ ବଡ଼ଚଣା ମଧ୍ୟବର୍ତ୍ତୀ ସ୍ଥାନରେ ରାମ୍‌କୋ ସିମେଣ୍ଟ କାରଖାନାରୁ ପରିବହନ କ୍ଷମତାଠାରୁ ଅତ୍ୟଧିକ ପରିମାଣର ସିମେଣ୍ଟ ବୋଝେଇ ହୋଇ ଯାଉଥିବା ସମୟରେ ଟ୍ରକର ଆଗଚକ ଫାଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ଟ୍ରକ୍ ରାଜପଥ କଡ଼ରେ ଠିଆ ହୋଇଥିବା ସମୟରେ ସେଥିରେ ଆମ୍ବୁଲାନ୍ସ ଧକ୍କା ହୋଇ ୩ ଜଣଙ୍କ ଅକାଳ ମୃତ୍ୟୁ ହୋଇଥିଲା। ଏନେଇ ଚଣ୍ଡିଖୋଲ ଆର୍‌ଟିଓ ପୋଲିସକୁ ରିପୋର୍ଟ ପ୍ରଦାନ କରିଥିଲେ ହେଁ ସେତେବେଳେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। କେବଳ ଏହି ଗୋଟିଏ ଘଟଣାରେ ନୁହେଁ, କାରଖାନାରୁ ଉତ୍ପାଦନ ହେବା ଦିନଠାରୁ ନିରବଚ୍ଛିନ୍ନ ଭାବେ ବିନା ବାଧାରେ ନିୟମିତ ଏଭଳି ଓଭରଲୋଡିଂ ପରିବହନ ହୋଇଆସୁଛି। ଫଳରେ ଏଭଳି ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।

# ଅଷ୍ଟଶମ୍ଭୁ ମନ୍ଦିର ପ୍ରତିଷ୍ଠା ଉତ୍ସବ


ଅଷ୍ଟଶମ୍ଭୁ ମନ୍ଦିର ।

ଯାଜପୁର ଟାଉନ, ୭ା୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ବ୍ଲକ୍ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମରେ ଅଷ୍ଟଶମ୍ଭୁ ମନ୍ଦିରର ଦ୍ୱାଦଶ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏଥିରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ପ୍ରଫେସର ଡ. ନାରାୟଣ ବାରିକ୍ ଏବଂ ଭୁବନେଶ୍ୱର ଆଲର୍ଟ ଅନୁଷ୍ଠାନର ସମ୍ପାଦିକା ଡ. କୁଞ୍ଜଲତା ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ମନ୍ଦିର ପ୍ରତିଷ୍ଠାତା ପ୍ରଫୁଲ୍ଲ ସାହୁ ଓ ମମତା ସାହୁଙ୍କ ପୃଷ୍ଠପୋଷକତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ଗ୍ରାମରୁ ଆମନ୍ତ୍ରିତ ଅତିଥିଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା। ଏହି କାର୍ଯ୍ୟମ୍ରମ ଜନତାଙ୍କ ମନରେ ଶାନ୍ତି ଓ ମୈତ୍ରୀର ଭାବପ୍ରବଣତା ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।

# ୧୧ରେ ଯାଜପୁର ଆସିବେ ମୁକୁନ୍ଦାନନ୍ଦଜୀ ମହାରାଜ

ଯାଜପୁର ଟାଉନ, ୭ା୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁରର ଯୋଡ଼ିକୁଅସ୍ଥିତ ଶ୍ୟାମା ଶ୍ୟାମା ଧାମ(ରାଧାକୃଷ୍ଣ ମନ୍ଦିର)କୁ ଆସୁଛନ୍ତି ସ୍ୱାମୀ ଶ୍ରୀମୁକୁନ୍ଦାନନ୍ଦଜୀ ମହାରାଜ। ଆସନ୍ତା ୧୧ ଓ ୧୨ତାରିଖ ୨ଦିନ ମନ୍ଦିର ନିକଟ ପଡ଼ିଆରେ ସନ୍ଧ୍ୟା ୬ରୁ ରାତ୍ରି ୮ଘଟିକା ପର୍ଯ୍ୟନ୍ତ ଦିବ୍ୟ ପ୍ରବଚନ ପ୍ରଦାନ କରିବେ। ସେ ଏନସି କଲେଜଠାରୁ ଏକ ଶୋଭା ଯାତ୍ରାରେ ଆସି ଶ୍ୟାମା ଶ୍ୟାମା ଧାମରେ ପହଞ୍ଚିବେ। ଏ ସମ୍ପର୍କରେ ମନ୍ଦିରର ମୁଖ୍ୟ କର୍ମକର୍ତ୍ତା ସନ୍ତୋଷ କୁମାର ସିଂ ଓ ଜଗନ୍ନାଥ ଦାସ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ଏହି ଅନୁଷ୍ଠାନ ପ୍ରତି ବର୍ଷ ଜନ୍ମାଷ୍ଟମୀ, ରାଧାଷ୍ଟମୀ, କୃପାଳୁଜୀ ମହାରାଜଙ୍କର ଜନ୍ମଦିନ, ରାମନବମୀ, ନୂଆ ବର୍ଷରେ ଭକ୍ତି ଦିବସ ଆଦି ପାଳନ କରି ଲୋକଙ୍କ ପ୍ରିୟ ଭାଜନ ହୋଇପାରିଛି। ମୁକୁନ୍ଦାନନ୍ଦଜୀଙ୍କ ଏହି ଆଗମନକୁ ପ୍ରତି ବର୍ଷ ସହରବାସୀ ଅପେକ୍ଷା କରିଥାଆନ୍ତି। ବୁଦ୍ଧିଜୀବୀ ଓ ଭକ୍ତଙ୍କ ସମାଗମରେ ପୁରି ଉଠେ ସଭାସ୍ଥଳ। ଏହାଦ୍ୱାରା ଏକ ଆଧ୍ୟାତ୍ମିକ ପରିବେଷ ସୃଷ୍ଟି ହୁଏ। ସ୍ୱାମୀ ଶ୍ରୀମୁକୁନ୍ଦାନନ୍ଦଜୀ ମନ ପ୍ରବନ୍ଧନ କ୍ଷେତ୍ରରେ ଜଣେ ଅନ୍ତଃରାଷ୍ଟ୍ରୀୟ ବିଶେଷଜ୍ଞ। ସେ ନିଜର ଜ୍ଞାନବର୍ଦ୍ଧକ ପ୍ରବଚନ ମାଧ୍ୟମରେ ବେଦ, ଉପନିଷଦ, ଗୀତା, ଭାଗବତ ତଥା ଅନ୍ୟାନ୍ୟ ଭାରତୀୟ ଏବଂ ପାଶ୍ଚାତ ପ୍ରଣାଳୀଗୁଡିକୁ ବ୍ୟାପକ ଭାବରେ ଉଦ୍ଧୃତ କରିଥାନ୍ତି। ବିଗତ ଚାରି ଦଶନ୍ଧିରୁ ଅଦ୍ୟାବଧି ସ୍ୱାମୀଜୀ ନିଜର ଅଗାଧ ଜ୍ଞାନ ସମୂହକୁ ବିତରଣ କରିଚାଲଛନ୍ତି। ଫଳସ୍ୱରୁପ ଆମେରିକା, ସିଙ୍ଗାପୁର, ହଂକଂ, ମାଲେସିଆ, ନେପାଳ ଏବଂ ଭାରତର ଅସଂଖ୍ୟ ଜନତାଙ୍କ ଜୀବନରେ ଆଶାତୀତ ଭାବେ ପରିବର୍ତ୍ତନ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦବାପାଇଁ ମନ୍ଦିରର କର୍ମକର୍ତ୍ତା ନିବେଦନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଦାମୋଦର ସିଂହ, ଗୋପାଳ ଚନ୍ଦ୍ର ପଣ୍ଡା, ଜୟଶ୍ରୀ ସାମଲ, ଜିତେନ୍ଦ୍ର ସାହୁ ଓ ହରେକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନୋଟିସ

**ବରୀ ତହସିଲ କାର୍ଯ୍ୟାଳୟ**

ବରୀ, ୭ା୩ (ମହେନ୍ଦ୍ର ସ୍ୱାଇଁ):

ବରୀ ତହସିଲ କାର୍ଯ୍ୟାଳୟରେ ଦଲାଲ କାମ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି କରାଯାଇଛି। ଉକ୍ତ ତହସିଲ କାର୍ଯ୍ୟାଳୟରେ କେତେଜଣ ବ୍ୟକ୍ତି ଆସି ଦଲାଲ କାମ କରୁଥିବା ଅଭିଯୋଗ ହେବାପରେ ଏହି ପଦକ୍ଷେପ ନିଆଯାଇଛି। ଦଲାଲମାନେ ସାଧାରଣ ଲୋକଙ୍କୁ ଶୋଷଣ କରୁଛନ୍ତି। ଏଥିସହିତ ସେମାନେ ତହସିଲର କେତେଜଣ କର୍ମଚାରୀଙ୍କୁ ମୋଟା ଅଙ୍କର ଲାଞ୍ଚଦେଇ ଅନେକ ବେଆଇନ କାର୍ଯ୍ୟ କରୁଛନ୍ତି। ଲୋକଙ୍କ କାମ ଶୀଘ୍ର କରିଦେବାକୁ କହି ସେମାନଙ୍କଠାରୁ ବିପୁଳ ଅର୍ଥ ଆଦାୟ କରୁଛନ୍ତି। ଏନେଇ ତହସିଲ କାର୍ଯ୍ୟାଳୟର ଓକିଲ ଓ ଭେଣ୍ଡରମାନେ ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଦଲାଲମାନଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଉଛି। ଫଳରେ ସେମାନଙ୍କ ପେଟପାଟଣା ଉପରେ ପ୍ରଭାବ ପଡୁଛି। ଓକିଲ ଓ ଭେଣ୍ଡରଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ତହସିଲ କାର୍ଯ୍ୟାଳୟ ତରଫରୁ ଦଲାଲମାନଙ୍କୁ କୌଣସି କର୍ମଚାରୀ ସହଯୋଗ ନ କରିବାକୁ ଅଲିଖିତ ଭାବେ ନିର୍ଦ୍ଦେଶ ଦିଆଯାଇଛି। ଏତଦ୍‌ବ୍ୟତୀତ ତହସିଲ କାର୍ଯ୍ୟାଳୟ ପରିସରକୁ ବ୍ୟକ୍ତିଗତ କାର୍ଯ୍ୟ ବ୍ୟତୀତ ଯଦି କେହି ଆସି ଦଲାଲ କାମ କରନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଦର୍ଶାଯାଇଛି।

# ଦେଶ ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ


ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ ।

**ଜିଲା ଯୁବ ମହୋତ୍ସବ ଉଦ୍‌ଘାଟିତ**

ଯାଜପୁର, ୭ା୩ (ହର୍ଷବର୍ଦ୍ଧନ ବେହେରା)

ଦେଶ ଗଠନରେ ଯୁବ ସମାଜର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଯେଉଁ ଯୁବକମାନେ ଭଲ କାମ କରୁଛନ୍ତି, ସେମାନଙ୍କୁ ଯଦି ଠିକ୍ ଭାବେ ଉତ୍ସାହିତ କରିବା ସେମାନେ ଆହୁରି ଦଶ ପାଦ ଆଗେଇ ପାରିବେ। ତେଣୁ ଲୁକ୍କାୟିତ ଯୁବ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା କରିବା ଏହି ଯୁବ ମହୋତ୍ସବର ଲକ୍ଷ୍ୟ ରହିଛି। ଏହି ଯୁବ ମହୋତ୍ସବ ଆୟୋଜନ ପ୍ରାରମ୍ଭ ମାତ୍ର। ଆଗକୁ ଏହା ରାଜ୍ୟସ୍ତରରେ ପରିଣତ କରିବାକୁ ଉଦ୍ୟମ କରାଯିବ। ଶୁକ୍ରବାର ଯାଜପୁର ରୋଡ୍ ଏନ୍.ସି. ହାଇସ୍କୁଲ ପଡ଼ିଆଠାରେ ଆୟୋଜିତ ପ୍ରଥମ ଜିଲା ଯୁବ ମହୋତ୍ସବର ଉଦ୍‌ଘାଟନ ସମାରୋହରେ ଉଦ୍‌ଘାଟକ ଭାବେ ଯୋଗଦେଇ କୋରେଇ ବିଧାୟକ ଆକାଶ ଦାସନାୟକ ଏହା କହିଛନ୍ତି। ଦୁଷ୍ମନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କାର୍ଯ୍ୟକ୍ରମ ଆବାହକ ଅଯୋଧ୍ୟା ଜେନା ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ଅଧ୍ୟାପକ ଅକ୍ଷୟ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ, ବିଶ୍ୱଜିତ ମହାନ୍ତି ସମ୍ପାଦକ ବିବରଣୀ ପାଠ ଏବଂ ସଂଗଠନ ସମ୍ପାଦକ ନିରଞ୍ଜନ ଘଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଯୁବ ଉଦ୍ୟୋଗୀ ରବୀନ୍ଦ୍ର କୁମାର ବଳ, ନୃତ୍ୟ ଶିଳ୍ପୀ ଶୁଭଲକ୍ଷ୍ମୀ ସ୍ୱାଇଁ ଏବଂ ସମାଜସେବୀ ରାଜେନ୍ଦ୍ର କୁମାର ବିଶ୍ୱାଳଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିଭା ସମ୍ମାନ, କ୍ରୀଡ଼ା ଇତ୍ୟାଦି ହେବ ବୋଲି ସୂଚନା ମିଳିଛି। ଅକ୍ଷୟ କୁମାର ଦେଓ ଓ ସାଥୀ ବନ୍ଦେ ଉତ୍କଳ ଗାନ କରିଥିଲେ।

# ପାଲା ଗୁରୁକୁଳର ବାର୍ଷିକ ଉତ୍ସବ

ଦଶରଥପୁର, ୭ା୩ (ସୁଶାନ୍ତ ବେହୁରିଆ):

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ମଲ୍ଲିପୁରଠାରେ ଗାୟକ ସୌରଭ ଭାଗିରଥି ପଣ୍ଡା ମେମୋରିଆଲ ପାଲା ଗୁରୁକୁଳର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷାବିତ ବୈକୁଣ୍ଠନାଥ ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ହରିହର ସ୍ୱାଇଁ, ମୁଖ୍ୟବକ୍ତାଭାବେ ଅଧ୍ୟାପକ କୈଳାଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ରୂପେ କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କୁଳମଣି ମଲ୍ଲିକ, କମାରଡ଼ିହର ପୂର୍ବତନ ସମିତିସଭ୍ୟ ମଳୟ ପଣ୍ଡା, ଯୁବନେତା ପ୍ରିୟବ୍ରତ ବିଶ୍ୱାଳ, ଶେଷଦେବ ଦାସ ପ୍ରମୁଖ ଯୋଗଦେଇ ପାଲା ସଂସ୍କୃତି ଓ ଗାୟକ ସୌରଭ ଭାଗିରଥି ପଣ୍ଡାଙ୍କ ପାଲା ସଂସ୍କୃତି ପ୍ରତି ଥିବା ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ପ୍ରତାପ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଜୟାଲକ୍ଷ୍ମୀ ନାୟକ, ଗଦାଧର ନାୟକ, ଅଭିମନ୍ୟୁ ମଲ୍ଲିକ, ଦୀନବନ୍ଧୁ ସାହୁଙ୍କୁ ଶିକ୍ଷା ସୌରଭ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପାଲା ଗାୟକ ଅର୍ଜୁନ ଚରଣ ଦାସଙ୍କୁ ଭାଗିରଥି ପଣ୍ଡା ସ୍ମୃତିସମ୍ମାନରେ ସମ୍ମାନିତ କରାଯାଇଥିଲା।

# ବାଳିକା ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଘାଟିତ

ଧର୍ମଶାଳା, ୭ା୩ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷା ଇନ୍ଦୁପ୍ରଭା ସାମଲ ଯୋଗଦେଇ ଏହାର ଉଦ୍‌ଘାଟନ କରିବା ସହ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ଆବଶ୍ୟକତା ଉପରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତାଭାବେ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଦର୍ଶନ ବିଭାଗ ଅଧ୍ୟାପକ ସୁନାକର ଦାସ ଯୋଗ ଦେଇଥିଲେ। ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସସ୍ମିତା ରାଉତରାୟ ଏହାକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ବର୍ଷର ମୋଟ ୯୬ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ଭାବେ ସୁଶ୍ରୀ ଜ୍ୟୋତ୍ସ୍ନା ନନ୍ଦ ଆତ୍ମସୁରକ୍ଷାର ସମସ୍ତ କଳା କୌଶଳ ଶିଖାଇବେ ବୋଲି ସୂଚନା ଦିଆଯାଇଛି।

# ପ୍ରଧାନମନ୍ତ୍ରୀ ଜନ ଔଷଧି ଦିବସ ପାଳିତ

ଯାଜପୁର ଟାଉନ, ୭ା୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ସଦର ମହକୁମାର ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଜନ ଔଷଧି ବିକ୍ରୟ କେନ୍ଦ୍ର ପରିସରରେ ଶୁକ୍ରବାର ଅପରାହ୍ଣରେ ପ୍ରଧାନମନ୍ତ୍ରୀ ଜନ ଔଷଧି ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସିଡିଏମ୍‌ଓ ପ୍ରକାଶ ଚନ୍ଦ୍ର ବଳ ଯୋଗଦେଇ ଜନଔଷଧ ସମସ୍ତ ରୋଗ ପାଇଁ ବ୍ୟବହାର ଉପଯୋଗୀ ବୋଲି ମତବ୍ୟକ୍ତ କରିଥିଲେ। ଏହା ବଜାରରେ ମିଳୁଥିବା ଅନ୍ୟ କମ୍ପାନୀ ଔଷଧ ତୁଳନାରେ ଖୁବ୍ ଶସ୍ତା ଥିବା ବେଳେ ଗୁଣାତ୍ମକ ଦୃଷ୍ଟିରୁ ଏହାର ମାନ ମଧ୍ୟ ଅନ୍ୟ କମ୍ପାନୀ ଔଷଧ ସହ ସମାନ ବୋଲି ସୂଚନା ଦେଇଥିଲେ। ଜନ ଔଷଧିର ନକଲି ଔଷଧ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ଡାକ୍ତରମାନେ ରୋଗୀମାନଙ୍କୁ ଜନଔଷଧି ବ୍ୟବହାର କରିବା ପାଇଁ ପରାମର୍ଶ ଦେବାକୁ ସୂଚନା ଦିଆଯାଇଥିଲା। ମଧୁମେହ ଓ ଉଚ ରକ୍ତଚାପ ରୋଗ ସମେତ ୧୦୬ପ୍ରକାର ଔଷଧ ଉପସ୍ୱାସ୍ଥ୍ୟ କେନ୍ଦ୍ରସ୍ତରୀୟ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଏବଂ ୧୭୨ପ୍ରକାର ଔଷଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରସ୍ତରୀୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଉପଲବ୍ଧ ବୋଲି ଅବଗତ କରାଯାଇଥିଲା। ହିମାଂଶୁ ଶେଖର ପାଣ୍ଡବ, ବୈଜୟନ୍ତୀ ରାଉତଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜନ ଔଷଧି ଦୋକାନର ହଳଧର ପାଣ୍ଡବ ଧନ୍ୟବାଦ ଦେଇଥିଲେ।

# ଧର୍ମଶାଳା ଥାନାର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ଧର୍ମଶାଳା ଥାନାର ନବନିର୍ମିତ କାର୍ଯ୍ୟାଳୟ ।

ଧର୍ମଶାଳା, ୭ା୩ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନାର ନୂତନ କାର୍ଯ୍ୟାଳୟ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ଏଏସ୍‌ପି ଅନିରୁଦ୍ଧ ରାଉତରାୟ, ସୀତାକାନ୍ତ କାନୁନ୍‌ଗୋ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର ଅତିଥି ଭାବେ ଯୋଗ ଦେଇଥିଲେ। ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ୨କୋଟି ୧୬ଲକ୍ଷ୫୪ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟାଳୟ ନିର୍ମାଣ କରାଯାଇଥିବା ସୂଚନା ଦିଆଯାଇଛି।

# ସଚେତନତା ବାଲ୍ୟବିବାହ ରୋକିବାରେ ସହାୟକ ହେବ

**ବାଲ୍ୟବିବାହ ନିଷେଧ ଓ ନିୟନ୍ତ୍ରଣ ସମ୍ପର୍କିତ କର୍ମଶାଳା**

ବ୍ରହ୍ମବରଦା, ୭ା୩ (ଯାଯାତି କେଶରୀ ବେହେରା):



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ସମ୍ମାନିତ କରୁଛନ୍ତି ।

ରସୁଲପୁର ବ୍ଲକ୍ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବାଲ୍ୟବିବାହ ନିଷେଧ ଓ ନିୟନ୍ତ୍ରଣ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା ଯୋଗଦେଇ ସାମୂହିକ ପ୍ରୟାସ ଓ ସଚେତନା ହିଁ ବାଲ୍ୟବିବାହ ରୋକିବାରେ ସହାୟକ ହେବ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ସ୍ତମ୍ଭକାର ଓମ୍‌ପ୍ରକାଶ, ସମ୍ମାନିତ ଅତିଥି ଭାବେ ଡିସିପିଓ ନିରଞ୍ଜନ କର, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ ଏବଂ ଶିଶୁ ଅଧିକାର ମଞ୍ଚର ସଂଯୋଜକ ମଣ୍ଟୁ ଦାସ ଯୋଗଦେଇ ବାଲ୍ୟବିବାହ କିପରି ରୋକାଯାଇପାରିବ ସେ ସମ୍ପର୍କରେ ନିଜ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜାତୀୟ ପାରା କ୍ରୀଡ଼ାବିତ ସୋନାଲି ଓଝା ଏବଂ ଦମୟନ୍ତି ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମହାବିଦ୍ୟାଳୟସ୍ତରରେ ବାଲ୍ୟବିବାହ ନିଷେଧ ଓ ନିୟନ୍ତ୍ରଣ ସମ୍ପର୍କିତ କର୍ମଶାଳା ବିଷୟ ଉପରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪ଜଣ ପ୍ରତିଯୋଗୀ ଭାଗନେଇଥିଲେ। ଶିକ୍ଷା ବିଭାଗର ସୁମେୟା ସେକ୍ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଡ଼ିଆ ବିଭାଗର ସ୍ମିତିପ୍ରଜ୍ଞା ପଣ୍ଡା ଦ୍ୱିତୀୟ ଓ ରାଜନୀତି ବିଜ୍ଞାନ ବିଭାଗର ନୁରଜାହାଁ ନସିମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ ସଂଜୟ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ସୂର୍ଯ୍ୟକାନ୍ତ ରାଉତ ସଭାର ଅଭିମୁଖ୍ୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ରହି ସଭା ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ରତ୍ନପୂର୍ଣ୍ଣ ସାମଲ ଧନ୍ୟବାଦ ଦେଇଥିଲେ।

# ଗହୀରମଥାରେ ଅଲିଭ୍ ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ

ରାଜନଗର, ୭।୩ (ଭାସ୍କର ରାଉତରାୟ)

ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅନୁଡ଼ିଶାଳ କେନ୍ଦ୍ରାପଡ଼ା ଉପକୂଳ ଗହୀରମଥାଠାରେ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରତିକୂଳ ପାଗ ଯୋଗୁ ଚଳିତବର୍ଷ ଗଣ ଅଣ୍ଡାଦାନ ବିଳମ୍ବ ହୋଇଛି। ଋଷିକୁଲ୍ୟା ମୁହାଣରେ ଫେବୃଆରୀ ୧୬ରୁ ୨୩ ତାରିଖ ଯାଏ ରେକର୍ଡ ସଂଖ୍ୟକ ଅଲିଭ୍ ରିଡ୍‌ଲେ ଅଣ୍ଡାଦାନ କରିଛନ୍ତି। ଗହୀରମଥା ସମୁଦ୍ର କୂଳରେ ଥିଲେ ମଧ୍ୟ କଇଁଛ ଅଣ୍ଡାଦାନ କରୁ ନ ଥିବାରୁ ଚଳିତବର୍ଷ ଗଣ ଅଣ୍ଡାଦାନ ହେବ କି ନାହିଁ ସେ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ମାତ୍ର ୫ ତାରିଖ ସନ୍ଧ୍ୟାରୁ ଗହୀରମଥାର ନାସୀ-୨ ବେଳାଭୂମିରେ ବିରଳ ଅଲିଭ୍ ରିଡଲେ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ପ୍ରଥମ ଦିନ ୭୮, ୭୪୩ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିବାବେଳେ ଦ୍ୱିତୀୟ ଦିନ ୧,୧୪,୦୦୨ କଇଁଛ ଅଣ୍ଡାଦାନ କରିଛନ୍ତି।


ଗହୀରମଥା ନାସୀ-୨ରେ ଅଲିଭ ରିଡ଼ଲେ କଇଁଛ ସମୂହ ଅଣ୍ଡାଦାନ କରୁଛନ୍ତି।

୨ ଦିନରେ ୧,୯୨, ୭୪୫ କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଗଣ ଅଣ୍ଡାଦାନ ପ୍ରକ୍ରିୟା ଶୁକ୍ରବାର ମଧ୍ୟ ଜାରି ରହିଛି। ଦଳ ଦଳ ହୋଇ ମା' କଇଁଛ ଗହୀରମଥାର ନାସୀ-୨ ବାଲୁକା ଶଯ୍ୟାକୁ ଉଠି ଗଣ ଅଣ୍ଡାଦାନ କରୁଛନ୍ତି।

ପ୍ରଥମ ୨ଦିନରେ ଗଣ ଅଣ୍ଡାଦାନ ସଂଖ୍ୟା ଭଲ ଥିବାରୁ ଓ ମା' କଇଁଛମାନେ କୂଳରେ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଗଣ ଅଣ୍ଡାଦାନ ହେବା ନେଇ ଆଶା ପ୍ରକାଶ ପାଇଛି। ମା' କଇଁଛମାନେ ବେଳାଭୂମିର ନରମ ବାଲିରେ ପଛପଟ ଗୋଡ଼ରେ ୧ ଫୁଟ୍‌ରୁ ଦେଢ଼ଫୁଟ୍ ଗଭୀରର ମାଠିଆ ଆକୃତିର ଗାତ ଖୋଳିଥାଏ। ଗାତ ଖୋଳିବା ପରେ ମା' କଇଁଛ ପ୍ରାୟ ୧୦୦ଟି ଉପରେ ଅଣ୍ଡା ଦେଇଥାଏ। ପ୍ରତ୍ୟେକ ଅଣ୍ଡାର ଆକାର ଗୋଟିଏ ପିଙ୍ଗ ବଲ ପରି ଦେଖାଯାଏ। ଅଣ୍ଡାର ଖୋଳପା ନମନୀୟ ହୋଇଥିବାରୁ ଅଣ୍ଡା ଗଳିବା ସମୟରେ ତାହା ଫାଟି ନ ଥାଏ। ଅଣ୍ଡା ଦେଇ ସାରିବା ପରେ ମା' କଇଁଛ ତା'ର ଗାତକୁ ବାଲି ଘୋଡ଼ାଇ ଲୁଚାଇ ପକାଇ ପୁଣି ସମୁଦ୍ରକୁ ଫେରିଯାଏ। ସୂର୍ଯ୍ୟଙ୍କ ଉତ୍ତାପରେ ଉଷୁମ ହୋଇ ଅଣ୍ଡାଗୁଡିକରୁ ୪୫ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି। ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଅଣ୍ଡାଦାନ ସ୍ଥଳକୁ ବାଡ଼ ବୁଜାଯିବା ସହ ବନ କର୍ମଚାରୀମାନେ ଅଣ୍ଡାଦାନ ସ୍ଥଳକୁ ଜଗି ରହିଛନ୍ତି। ରାଜନଗର ଓ ଭଦ୍ରକ ଡିଭିଜନ ପକ୍ଷରୁ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, ଏସିଏଫ୍ ମାନସ କୁମାର ଦାସ ପ୍ରମୁଖ ଅଣ୍ଡାଦାନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

# ରାଜନଗର ସିଡିପିଓଙ୍କ ହେଲା ବଦଳି

ରାଜନଗର, ୭।୩ (ଭାସ୍କର ରାଉତରାୟ)

- ଗାଡ଼ି ବିଲ୍ କରିବାକୁ ଲାଞ୍ଚ ନେବା ଘଟଣାରେ ହୋଇଥିଲେ ବିବାଦୀୟ
- ଅଙ୍ଗନୱାଡ଼ି କର୍ମୀଙ୍କୁ ଦୁର୍ବ୍ୟବହାର ପରେ ଜିଲାପାଳ ନେଲେ କାର୍ଯ୍ୟାନୁଷ୍ଠାନ

ରାଜନଗର ସିଡିପିଓ ସ୍ମିତାଞ୍ଜଳି ରାୟଙ୍କୁ ରାଜନଗରରୁ ବଦଳି କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଚିଠି ନମ୍ବର ୧୦୦୯ରେ ରାଜନଗର ସିଡିପିଓ ସ୍ମିତାଞ୍ଜଳିଙ୍କୁ ରାଜନଗର ସମନ୍ୱିତ ଶିଶୁ ବିକାଶ ବିଭାଗରୁ ହଟାଇ ନିଆଯାଇ କେନ୍ଦ୍ରାପଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ପ୍ରଶାସନିକ ଆବଶ୍ୟକତା ଦୃଷ୍ଟିରୁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଏଥିସହ ରାଜନଗର ବିଡିଓଙ୍କଠାରୁ ରାଜନଗର ସମନ୍ୱିତ ଶିଶୁ ବିକାଶ ବିଭାଗର ଆର୍ଥିକ କ୍ଷମତା ମଧ୍ୟ ପ୍ରତ୍ୟାହାର କରି ନିଆଯାଇଛି। ପଟ୍ଟାମୁଣ୍ଡାଇ ସିଡିପିଓ ଲକ୍ଷ୍ମୀମଣି ସିଂହଙ୍କୁ ରାଜନଗରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ମାତ୍ର ୩ ମାସ ତଳେ ରାଜନଗରରେ ସିଡିପିଓ ଭାବେ ସ୍ମିତାଞ୍ଜଳି ଯୋଗଦେଇଥିଲେ। ଫେବୃଆରୀ ୨୦ରେ ବୁଆଁଳ ଗ୍ରାମର ବୋଲେରୋ ମାଲିକ ସମରେନ୍ଦ୍ର ସାହୁଙ୍କ ବାପା ଉମାକାନ୍ତ ରାଜନଗର ସିଡିପିଓଙ୍କୁ ଲାଞ୍ଚ ଦେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ତାଙ୍କ ବୋଲେରୋ ଗାଡ଼ି ସିଡିପିଓଙ୍କ କାର୍ଯ୍ୟାଳୟରେ ଭଡ଼ାରେ ଲଗାଇଥିଲେ। ଗାଡ଼ିର ଏଗ୍ରିମେଣ୍ଟ ଅବଧି ୨୦୨୪ ଜୁଲାଇ ୩ରେ ପୂରିଯାଇଛି। ଗାଡ଼ିର ଏଗ୍ରିମେଣ୍ଟ ଅବଧି ପୂରିଯିବା ପରେ ମଧ୍ୟ ତାଙ୍କ ଗାଡ଼ି ବିଭାଗରେ ନେବା ଆଣିବା କରୁଥିଲା। ଜୁଲାଇଠାରୁ ବକେୟା ଗାଡ଼ି ଭଡ଼ା ପାଇଁ ଡିସେମ୍ବର ୨ରେ ନୂତନ ସିଡିପିଓ ଭାବେ ଯୋଗଦେଇଥିବା ସ୍ମିତାଞ୍ଜଳିଙ୍କୁ କହିଥିଲେ। ସିଡିପିଓ ଏହି ବକେୟା ଭଡ଼ା ବିଲ୍ କରିବା ପାଇଁ ଲାଞ୍ଚ ମାଗିଥିଲେ। ପରେ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ରାଜନଗର ସେକ୍ଟରର ବୈଠକରେ ଅଧିକାଂଶ ଅଙ୍ଗନୱାଡ଼ି କର୍ମୀ ବୈଠକକୁ ଆସି ନ ଥିବାରୁ ସିଡିପିଓ ଉତ୍‌କ୍ଷିପ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତୁମ ଚାକିରି ଖାଇବି, ମୋତେ ଦରମା ମିଳୁନାହିଁ, ତୁମକୁ ଦେବିନି, କୋଉ ଜିଲାପାଳ, ଉପ ଜିଲାପାଳ, ସମାଜ ମଙ୍ଗଳ ଅଧିକାରିଣୀ କ'ଣ କରିବେ ଅଶ୍ଳୀଳ ଭାଷାରେ କହିଥିବା ସଞ୍ଜୁଲତା ଆଚାର୍ଯ୍ୟଙ୍କ ସମେତ ରାଜନଗର ସେକ୍ଟରର ସମସ୍ତ ଅଙ୍ଗନୱାଡ଼ି କର୍ମୀ ରାଜନଗର ଥାନାରେ ଅଭିଯୋଗ କରିଥିଲେ। ଗତ ୪ ତାରିଖରେ ଜିଲା ସମ୍ପାଦିକା ପୁଷ୍ପଲତା ରଥଙ୍କ ନେତୃତ୍ୱରେ ରାଜନଗର ବ୍ଲକ୍ ସଂଘର ସଭାନେତ୍ରୀ ଲୀଳାବତୀ ବେହେରା, ଉପସଭାନେତ୍ରୀ ରମାବତୀ ସ୍ୱାଇଁ, ସହ ସମ୍ପାଦିକା ମିନତି ଭୂୟାଁ, ମଞ୍ଜୁବାଳା ମଲ୍ଲିକ ପ୍ରମୁଖ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଭେଟି ସିଡିପିଓଙ୍କୁ ରାଜନଗରରୁ ହଟାଇବା ପାଇଁ ଦାବି କରିଥିଲେ। ଦାବିପତ୍ରରେ ଫେବୃଆରୀ ୨୪ ତାରିଖ ସେକ୍ଟର ବୈଠକରେ କର୍ମୀମାନଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ, ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନକରି ଟଙ୍କା ଆଦାୟ କରିବା, ତମେ ଖାଉଛ, ଅଧା ମୋତେ ଦିଅ ବୋଲି ମାଗିବା ସହିତ ଦରମା ବନ୍ଦ କରିବା ନେଇ ଧମକ ଦେଉଥିବା ନେଇ ଅଭିଯୋଗ କରାଯାଇଥିଲା। ଏପରି ଦୁର୍ନୀତିଖୋର ସିଡିପିଓଙ୍କୁ ରାଜନଗରରୁ ବଦଳିକରା ନ ଗଲେ ଅଙ୍ଗନୱାଡ଼ି କର୍ମୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ଲିଖିତ ଭାବେ ଜଣାଇଥିଲେ।

# ବିରିଡ଼ିରେ ଖୋଲିଲା ଜିଲାର ପ୍ରଥମ ମାଣ୍ଡିଆ ମଣ୍ଡି

ଜଗତ୍‌ସିଂହପୁର, ୭।୩ (ପ୍ରମୋଦ କୁମାର ନାୟକ)

ଖରିଫ ଋତୁରେ ମାଣ୍ଡିଆ ଚାଷ କରିଥିବା ଜଗତ୍‌ସିଂହପୁର ଜିଲାର ଚାଷୀଙ୍କ ପାଇଁ ଶୁକ୍ରବାର ବିରିଡ଼ି ବ୍ଲକ୍ ମଙ୍ଗୁଳି ପ୍ୟାକ୍ସରେ ପ୍ରଥମ ମଣ୍ଡି ଖୋଲାଯାଇଛି। ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଏହାକୁ ଉଦ୍‌ଘାଟନ କରିଥିବାବେଳେ ପ୍ୟାକ୍ସ ସମ୍ପାଦକ ବିଜୟ ପ୍ରସନ୍ନ ଦାସ ପରିଚାଳନା କରିଥିଲେ। ଉଦ୍‌ଘାଟନ ଉତ୍ସବରେ ସମବାୟ ସମିତି ସଭାପତି ରବୀନ୍ଦ୍ର ସାହୁ, ଜିଲା କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା, ମିଲେଟ୍ ମିଶନ ସ୍କିମ୍ ଅଧିକାରୀ ସମଲେଇ ପ୍ରସାଦ ପରିଡା, ଆର୍‌ଏମ୍‌ସି ସମ୍ପାଦକ ସୂର୍ଯ୍ୟକାନ୍ତ ଦାଶ, ବ୍ଲକ କୃଷି ଅଧିକାରୀ ତୃପ୍ତା ସ୍ୱାଇଁ, ଗୟାଧର ମହାନ୍ତି, ସରୋଜିନୀ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଗୟାଧରଙ୍କ ତତ୍ତ୍ୱାବଧାନରେ ଏହି ସଭା ଆୟୋଜନ କରାଯାଇଥିଲା। ଏହି ଅବସରରେ ଅତିଥିମାନେ କହିଥିଲେ, ସରକାରଙ୍କ ପକ୍ଷରୁ ଶ୍ରୀଅନ୍ନ ଯୋଜନାରେ ମାଣ୍ଡିଆ ଚାଷ ପାଇଁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏଥିପାଇଁ ଜିଲାରେ ଏହି ଚାଷ କରିବାକୁ ପରାମର୍ଶ ଦିଆଯାଇଥିଲା। ବିଶେଷ କରି ବିରିଡ଼ି ବ୍ଲକ୍‌ରେ ଏହି ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢୁଥିବାରୁ ଅତିଥିମାନେ କୃତଜ୍ଞତା ଜଣାଇଥିଲେ। ସୂଚନା ଅନୁଯାୟୀ, ଚଳିତ ବର୍ଷ ଜିଲାରୁ ୨୦୦ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ୮୯ଜଣ ଚାଷୀ ନିଜର ନାମ ପଞ୍ଜୀକରଣ କରିଛନ୍ତି। ମଙ୍ଗୁଳି ମଣ୍ଡିରେ ପ୍ରଥମ ଦିନରେ ସରକାରଙ୍କ ନିର୍ଦ୍ଧାରିତ ସହାୟକ ମୂଲ୍ୟରେ ୨୮ଜଣ ଚାଷୀ ମାଣ୍ଡିଆ ବିକ୍ରୟ କରିଥିବା ଜଣାପଡ଼ିଛି।


ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ୨ ସଇରାତକୁ ଛାଡ଼ି ଅନ୍ୟଠି ବାଲି ଉଠିବନି


ଖବରଦାତା ସମ୍ମିଳନୀରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା, ୭।୩ (ଜଗନ୍ନାଥ ଧଳ)

ବେଆଇନ ଭାବେ ଜିଲାର ବିଭିନ୍ନ ସ୍ଥାନରେ ବାଲି, ମାଟି ଉଠାଣ ହେଉଛି। ତେବେ ଶନିବାରଠାରୁ ଏହି ବେଆଇନ ବାଲି ଉଠାଣ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବ। କେନ୍ଦ୍ରାପଡ଼ା ଜିଲାର ୨୯ଟି ବାଲି ସଇରାତ ମଧ୍ୟରୁ ପ୍ରଶାସନିକ ଅନୁମତି ପ୍ରାପ୍ତ ମାତ୍ର ୨ଟି ସଇରାତରୁ ବାଲି ଉଠିପାରିବ ବୋଲି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଶୁକ୍ରବାର ସୂଚନା ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ସେ କହିଥିଲେ, ଜିଲାରେ ମୋଟ ୨୯ଟି ସଇରାତ ମଧ୍ୟରୁ ୧୦ଟିକୁ ଲିଜ ଦିଆଯାଇଛି। ତେବେ ୮ଟି ସଇରାତ ନିଲାମଧାରୀ ଆବଶ୍ୟକ ଟଙ୍କା ଜମା କରି ନ ଥିବାରୁ ବାଲି ଉଠାଣ ମନା ଅଛି। ଅପରପକ୍ଷରେ ଜିଲାର ବିଭିନ୍ନ ସ୍ଥାନରେ ବାଲି ମାଟି ଉଠାଣ ହେଉଛି। ବେଆଇନ ଭାବେ ମାଟି ଇଟାଭାଟି ନିର୍ମାଣ ହେଉଛି। ଏହାକୁ ଦୃଷ୍ଟିରେ ରଖାଯାଇ ୭ଟି ଏନ୍‌ଫୋର୍ସମେଣ୍ଟ ଟିମ ଉପଜିଲାପାଳ ଅରୁଣ କୁମାର ନାୟକଙ୍କ ନେତୃତ୍ୱରେ ଗଠନ ହୋଇଛି। ଏଥିରେ ଜିଲା ପୋଲିସ ସମେତ ରାଜସ୍ୱ ବିଭାଗର ଅଧିକାରୀ ସାମିଲ ହୋଇଛନ୍ତି। ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିଲେ ଜିଓ ଟ୍ୟାଗ ଭିଡିଓ ଦେଇ ଅଭିଯୋଗ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ। ଶନିବାରଠାରୁ ଏନ୍‌ଫୋର୍ସମେଣ୍ଟ ଟିମ କାର୍ଯ୍ୟ କରିବ ବୋଲି ଜିଲାପାଳ ପ୍ରଧାନ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଉପଜିଲାପାଳ ଅରୁଣ କୁମାର ନାୟକ ସାମିଲ ହୋଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରଦୀପ


@ ଶୁଭସ୍ମିତା


@ ସତ୍ୟସ୍ୱିନୀ


@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିଆଁ ଆୟତ୍ତ, କ୍ଷତିପୂରଣ ଦାବି

## ପାରାଦୀପ ମାଛଧରା ବନ୍ଦର ଅଗ୍ନିକାଣ୍ଡ ଘଟଣା

ପାରାଦୀପ,୭।୩(ଶରତ ରାଉତ)

ପାରାଦୀପ ମାଛଧରା ବନ୍ଦର ପରିସରରେ ଗୁରୁବାର ସନ୍ଧ୍ୟାରେ ଘଟିଥିବା ଅଗ୍ନିକାଣ୍ଡ ଶୁକ୍ରବାର ଅପରାହ୍ନ ସୁଦ୍ଧା ଆୟତ୍ତ ହୋଇଛି। ତଥାପି ବିପଦ ଟଳିନାହିଁ। ବୋଟ୍ ଓ ଡଙ୍ଗା ମଧ୍ୟରୁ କିଛି ସମୟ ଅନ୍ତରାଳରେ ନିଆଁ ଓ ଧୂଆଁ ବାହାରୁଛି। ସମ୍ଭାବ୍ୟ ବିପଦକୁ ଟାଳିବା ପାଇଁ ଦୁଇଟି ନିଆଁଲିଭା ଗାଡ଼ି ପାଖରେ ରହିଛି। ଏତେବଡ଼ ଦୁର୍ଘଟଣା ସମ୍ପର୍କରେ ଯାଞ୍ଚ ପାଇଁ ଶୁକ୍ରବାର ମତ୍ସ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ମାଛଧରା ବନ୍ଦର ପରିସରରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଖବର ଲେଖାହେବା ସୁଦ୍ଧା ଏହି ଅଗ୍ନିକାଣ୍ଡରେ ୭ଟି ବଡ଼ ବୋଟ୍ ଓ ୭ଟି ଡଙ୍ଗା(ଟାପା)ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି। କ୍ଷୟକ୍ଷତିର ପ୍ରାଥମିକ ଆକଳନ ଅନୁଯାୟୀ ଅଗ୍ନିକାଣ୍ଡରେ ପ୍ରାୟ ୧୪ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଏହାର କାରଣ ଅସ୍ପଷ୍ଟ ରହିଛି। ତେବେ ପ୍ରତାପ ବେହେରା ନାମକ ମତ୍ସ୍ୟଜୀବୀଙ୍କ କହିବାନୁସାରେ, ସନ୍ଧ୍ୟାରେ ରୋଷେଇ କରିବା ବେଳେ ଗ୍ୟାସ୍ ଚୁଲାରୁ ନିଆଁ ଲାଗି ଏଭଳି ଅଗ୍ନିକାଣ୍ଡ ଘଟିଥିଲା। ଅପରପକ୍ଷେ ସନ୍ଧ୍ୟାରେ ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ(ଓମ୍ପା) ପକ୍ଷରୁ ଖବରଦାତା ସମ୍ମିଳନୀ ଜରିଆରେ ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଯାଇଛି। ସଭାପତି ଶ୍ରୀକାନ୍ତ ପରିଡାଙ୍କ ସୂଚନା ଅନୁସାରେ, ୧୯୯୮ରେ


ମାଛଧରା ବନ୍ଦର ପରିଦସରରେ ପୋଡ଼ିଯାଇଥିବା ବୋଟ୍ ଓ ଡଙ୍ଗା।

## ବିଭାଗ ପକ୍ଷରୁ ଯାଞ୍ଚ ଚାଲିଛି

ମାଛଧରା ବନ୍ଦର ପୋତାଶ୍ରୟ ନିର୍ମାଣ କରାଯାଇଥିଲା। ସେଠାରେ ମାତ୍ର ୨୫୦ଟି ବୋଟ୍ ରହିବା ପାଇଁ ବ୍ୟବସ୍ଥା ଥିଲାବେଳେ ଏବେ ୬୫୦ଟି ବଡ଼ ବୋଟ୍ ଓ ୪୦୦ରୁ ଅଧିକ ଡଙ୍ଗା ରହୁଛି। ଏହାବାଦ୍ ସରକାର ବିଭିନ୍ନ ସମୟରେ ଜବତ କରିଥିବା ୧୫ରୁ ୨୦ଟି ବୋଟ୍ ମଧ୍ୟ ରହିଛି। ଏତେଗୁଡିଏ ବୋଟ୍ ଓ ଡଙ୍ଗା ଖୁନ୍ଦାଖୁନ୍ଦି ହୋଇ ରହିବା ଯୋଗୁ ଯାତାୟାତ ସୁଗମ ହେଉନାହିଁ। ଏଭଳି ସ୍ଥିତିରେ ଅଗ୍ନିକାଣ୍ଡ ସମୟରେ ଅନ୍ୟ ବୋଟ୍‌ଗୁଡ଼ିକୁ ବାହାର କରିବା ସମ୍ଭବ ହେଲାନାହିଁ। ଫଳରେ ଅନେକ ବୋଟ୍ ଜଳିଗଲା। ଏଥିରେ ଯେଉଁମାନଙ୍କର ବୋଟ୍ ପୋଡ଼ିଯାଇଛି ସେମାନଙ୍କୁ ସରକାର ସମ୍ପୂର୍ଣ୍ଣ କ୍ଷତିପୂରଣ ଅର୍ଥ ଦିଅନ୍ତୁ। ଏହାଛଡ଼ା ୪ଟି ଅନ୍ୟ ଦାବି କରାଯାଇଛି। ସେଗୁଡ଼ିକ ହେଲା ବର୍ଥ ଓ ପୋତାଶ୍ରୟ ସମ୍ପ୍ରସାରଣ, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଜବତ ବୋଟ୍‌କୁ ଖାଲି କରିବା, ପୋତାଶ୍ରୟ ଖନନ କରିବା ଇତ୍ୟାଦି। ଏ ସମ୍ପର୍କରେ ମତ୍ସ୍ୟ ଅଧିକାରୀ ବିଜୟ କରଙ୍କୁ ପଚାରିବାରେ ଉପରିସ୍ଥ ଅଧିକାରୀମାନେ ଯାଞ୍ଚ କରୁଛନ୍ତି। ସବିଶେଷ ରିପୋର୍ଟ ଆସିଲା ପରେ ସରକାରୀ ଭାବେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ।

# ସସ୍ମିତାଙ୍କ ଦେହରେ ଏବେ ବି ରହିଛି ପୋଲିସ ଗୁଳି

କେନ୍ଦ୍ରାପଡ଼ା, ୭।୩ (ଜଗନ୍ନାଥ ଧଳ)

- ମହିଳା ଦିବସରେ ମହିଳାଙ୍କୁ ଗୁଳିମାଡ଼କୁ ୧୦ ବର୍ଷ
- ମିଳିନି ଆର୍‌ଡିସି ରିପୋର୍ଟ, ଉପଯୁକ୍ତ କ୍ଷତିପୂରଣ
- ଯନ୍ତ୍ରଣା ସତ୍ତ୍ୱେ ମଦ ବିରୋଧରେ ନମତରାର ମହିଳା

୨୦୧୫ ବିଶ୍ୱ ମହିଳା ଦିବସକୁ ଇତିମଧ୍ୟରେ ୧୦ ବର୍ଷ ପୂରିଛି। ଏହିଦିନରେ ମଦ ବିରୋଧରେ ଆନ୍ଦୋଳନରତ ମହିଳାଙ୍କୁ ପୋଲିସ ଗୁଳିମାଡ଼ ଘଟଣା କେନ୍ଦ୍ରାପଡ଼ା ଜିଲାରେ ଏବେ ବି ତାଜା ରହିଛି। ଯନ୍ତ୍ରଣା ସତ୍ତ୍ୱେ ମହିଳାମାନେ ମଦ ବିରୋଧରେ ଆନ୍ଦୋଳନ ଜାରି ରଖିଛନ୍ତି। ରାଜକନିକା ଥାନା ନମତରା ଗ୍ରାମର ସସ୍ମିତା ଜେନାଙ୍କ ତଳିପେଟରେ ଲାଗିଥିବା ପୋଲିସ ଗୁଳି ଅଦ୍ୟାବଧି ବାହାରିନାହିଁ। ଏ ନେଇ ହୋଇଥିବା ଆର୍‌ଡିସି ତଦନ୍ତର ରିପୋର୍ଟ ମଧ୍ୟ ପ୍ରକାଶ ପାଇନାହିଁ। ସେହିପରି ଉପଯୁକ୍ତ କ୍ଷତିପୂରଣ ମିଳି ନ ଥିବା ନମତରା ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ପୋଲିସର ୨ ଗୁଳି ଖାଇଥିବା ମହିଳା ବେଙ୍ଗ ଜେନା କହିଛନ୍ତି, ୧୦ ବର୍ଷ ଧରି ସ୍ୱାଭାବିକ ଜୀବନଯାତ୍ରାରେ ବ୍ୟତିକ୍ରମ ହୋଇଛି। ଦଳିତ ପରିବାରରେ ସର୍ବଦା ଆର୍ଥିକ ଦୁର୍ଗତି ଥାଏ। ଏହାକୁ ଭରଣାକରି ହେଉ ନ ଥିବାବେଳେ ନମତରା ବଜାରରେ ଥିବା ମଦ ଦୋକାନରେ ଗ୍ରାମର ଅର୍ଦ୍ଧାଧିକ ପୁରୁଷଙ୍କ ସମୟ ବିତୁଥିଲା। ମଦ ପିଇବା ପରେ ପରିବାରର ମହିଳା ଓ ଶିଶୁଙ୍କ ଯାତନା ବଢୁଥିଲା। ଗ୍ରାମର ସମସ୍ତ ମହିଳା ଏହି ଦୋକାନ ବନ୍ଦ କରିବା ପାଇଁ ପ୍ରଶାସକ ଓ ରାଜନେତାଙ୍କ ଦୃଷ୍ଟିକୁ ଆଣିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଏଥିପାଇଁ ଗ୍ରାମର ମହିଳାମାନେ ମହିଳା ଦିବସରେ ମଦ ଦୋକାନ ନିକଟରେ ଏହାକୁ ବନ୍ଦ ପାଇଁ ଏକାଠି ହୋଇଥିଲେ। ମାତ୍ର ଜିଲା ପୋଲିସ ପକ୍ଷରୁ ଆଖିବୁଜା ଗୁଳିମାଡ଼ ବଜାର ସମେତ ଘର ମଧ୍ୟରେ ହୋଇଥିଲା। ଏଥିରେ ୩୭ ଜଣ ଗୁରୁତର ହୋଇଥିଲେ। ଗୁଳିମାଡ଼ ସତ୍ତ୍ୱେ ମଦ ବିରୋଧରେ ଆନ୍ଦୋଳନ ଥମି ନ ଥିବା ସେ ପ୍ରକାଶ କରିଛନ୍ତି। ତତ୍କାଳୀନ ସମୟର ନବମ ଶ୍ରେଣୀର ଛାତ୍ରୀ ରଶ୍ମିତା ଜେନା କହିଛନ୍ତି, ଟିଉଶନରୁ ଫେରୁଥିବା ସମୟରେ ପୋଲିସର ଗୁଳିମାଡ଼ର ଶିକାର ହୋଇଥିଲେ। ତାଙ୍କ ଶରୀରରେ ୨ଟି ଗୁଳି ବାଜିଥିଲା। ଚିକିତ୍ସା ପରେ ପାଠପଢ଼ା ବନ୍ଦ ହୋଇଯାଇଥିବା ସେ ପ୍ରକାଶ କରିଛନ୍ତି। ସେହିପରି ଅଷ୍ଟମ ଶ୍ରେଣୀ ଛାତ୍ରୀ ରୀତା ଜେନା କହିଛନ୍ତି, ପୋଲିସର ଗୁଳିମାଡ଼ ଜୀବନର ଗତିପଥକୁ ବଦଳାଇ ଦେଇଛି। ପାଠପଢ଼ା ଭଲ ନ ହେବାରୁ ମାଟ୍ରିକ ପରୀକ୍ଷାରେ ଭଲ ହେଲା ନାହିଁ। ଅଧିକାଂଶ ସମୟରେ ଗୁଳିମାଡ଼ ହୋଇଥିବା ଆଣ୍ଠୁ ଯନ୍ତ୍ରଣା ଦେଉଛି। ଚାଲିବା ଏବେ ବି ଠିକ୍ ହୋଇନାହିଁ।

ଏହିପରି ଘଟଣା ସସ୍ମିତାଙ୍କ କ୍ଷେତ୍ରରେ ହୋଇଛି। ତାଙ୍କ ଦେହରୁ ଏ ପର୍ଯ୍ୟନ୍ତ ଗୁଳି ବାହାରି ପାରିନାହିଁ। ଓଡ଼ିଶା ନିଶା ନିବାରଣ ଅଭିଯାନର ସକ୍ରିୟ ସଦସ୍ୟ ଶ୍ରୀକାନ୍ତ ନାୟକ କହିଛନ୍ତି, ୨୦୧୫ ମାର୍ଚ୍ଚ ୮ ତାରିଖର ଏହି ଘଟଣା ରାଜ୍ୟ ସାରା ଚର୍ଚ୍ଚାରେ ରହିଥିଲା। ଏହି ଗୁଳିମାଡ଼ ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ୧୨ ତାରିଖରେ ସେଣ୍ଟ୍ରାଲ ଆର୍‌ଡିସିଙ୍କୁ ଦାୟିତ୍ୱ ଦେଇଥିଲେ। ୨୦୧୬ ସେପ୍ଟେମ୍ବର ସୁଦ୍ଧା ତତ୍କାଳୀନ ଆର୍‌ଡିସି ଅଖିଳ ବିହାରୀ ଓତା ମୋଟ ୫୭ ଜଣଙ୍କ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ। ଅକ୍ଟୋବରରେ ଏହାର ରିପୋର୍ଟ ମିଳିବ ବୋଲି ସୂଚନା ଦେଇଥିଲେ। ଅଦ୍ୟାବଧି ରିପୋର୍ଟ ପ୍ରକାଶ ପାଇ ନ ଥିବାରୁ ଜିଲା ପୋଲିସର ଏପରି ଅମାନୁଷିକ କାର୍ଯ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ। ସେହିପରି ରାଜ୍ୟ ମାନବିକ ଅଧିକାର କମିଶନରଙ୍କ ନିର୍ଦ୍ଦେଶରେ ନାମକୁ ମାତ୍ର କ୍ଷତିପୂରଣ ମିଳିଛି। ତୁରନ୍ତ ଆର୍‌ଡିସିଙ୍କ ତଦନ୍ତ ରିପୋର୍ଟ ପ୍ରକାଶ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କୁ ପଚାରିବାରେ ରାଜ୍ୟ ମାନବିକ ଅଧିକାର କମିଶନରଙ୍କ ନିର୍ଦ୍ଦେଶରେ ଗୁଳି ବାଜିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଓ ସସ୍ମିତାଙ୍କୁ ଦେଢ଼ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ତତ୍କାଳୀନ ସମୟରେ ଯୋଗାଇ ଦିଆଯାଇଥିବା ସେ କହିଛନ୍ତି।


ଗୁଳିମାଡ଼ରେ ଆହତ ହୋଇଥିବା ସସ୍ମିତା ଜେନା, ରୀତା ଜେନା, ପୂର୍ଣ୍ଣିମା ମଲ୍ଲିକ ଓ ରଶ୍ମିତା ଜେନା।

## ଖବରଦାତା ନୀଳମଣିଙ୍କ ପରଲୋକ

**ଖଣ୍ଡପଡା,୭।୩ (ଅଜୟ କୁମାର ମହାରଣା)**

ରାଜ୍ୟ ସାମ୍ବାଦିକ ସଂଘର ଜଣେ ବରିଷ୍ଠ ସଦସ୍ୟ ନୀଳମଣୀ ସାହୁଙ୍କ ଅକାଳ ବିୟୋଗରେ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ସଦସ୍ୟମାନେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସଂଘର ସଭାପତି ବିନାୟକ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତି ଚାରଣ ସଭାରେ ସଂଘର ସମ୍ପାଦକ ଭବାନୀ ଶଙ୍କର ସିଂହସାମନ୍ତ, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଖବରଦାତା ଶାନ୍ତି ଶେଖର ରଥ, ରବୀନ୍ଦ୍ର ବେହେରା, ଭବାନୀ ମହାନ୍ତି, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ମାନସ କୁମାର ସେଠୀ, ମନୋରଞ୍ଜନ ରଥ, ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଖବରଦାତା ସ୍ୱର୍ଗତ ସାହୁ ଜଣେ ଅମାୟିକ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ ସହ ଦୀର୍ଘବର୍ଷ ଧରି ସେ ଜଡିତ ଥିଲେ।

# ହାଇକୋର୍ଟରେ ଅନ୍ତରୀଣ ରହିତାଦେଶ

**ନୟାଗଡ଼,୭।୩(ଲୋକନାଥ ମିଶ୍ର)**

- ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
- ପରିଚାଳନା ପରିଷଦ ନିଲମ୍ବିତ ପ୍ରସଙ୍ଗ
- ଜିଲାପାଳଙ୍କ ପାଖରେ ରହିବ ଆର୍ଥିକ କ୍ଷମତା
- ମେ ୫ରୁ ପରବର୍ତ୍ତୀ ଶୁଣାଣି

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ପରିଚାଳନା ପରିଷଦକୁ ଦୁର୍ନୀତି ଅଭିଯୋଗରେ ସରକାର ନିଲମ୍ବନ କରିଥିବାବେଳେ ହାଇକୋର୍ଟ ଅନ୍ତରିଣ ରହିତାଦେଶ ଶୁକ୍ରବାର ଜାରି କରିଛନ୍ତି। ତେବେ ପରିଚାଳନା ପରିଷଦ ପାଖରେ ଆର୍ଥିକ କ୍ଷମତା ରହିବ ନାହିଁ। ଜିଲାପାଳଙ୍କ ହାତରେ ଆର୍ଥିକ କ୍ଷମତା ରହିବ। ମେ ୫ରୁ ପରବର୍ତ୍ତୀ ଶୁଣାଣି ହେବ। ପରିଚାଳନା ପରିଷଦ ବିରୋଧରେ ହେଉଥିବା ତଦନ୍ତ ଚାଲୁ ରହିବ।

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ପରିଚାଳନା ପରିଷଦକୁ ଦୁର୍ନୀତି ଅଭିଯୋଗରେ ସରକାର ଫେବୃଆରୀ ୬ରେ ନିଲମ୍ବନ କରିଥିଲେ। ପରିଚାଳନା ପରିଷଦକୁ ନିଲମ୍ବନ ପରେ ନୟାଗଡ଼ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କୁ ପରିଚାଳନା କ୍ଷମତା ସରକାର ପ୍ରଦାନ କରିଥିଲେ। ରାଜ୍ୟ ସମବାୟ ସମିତି ରେଜିଷ୍ଟ୍ରାରଙ୍କ ପକ୍ଷରୁ ଚିଠି ନଂ. ୨୩୪୯/୬।୨।୨୫ରେ ନିଲମ୍ବନ ଆଦେଶ ପ୍ରଦାନ କରାଯାଇଥିଲା। ପରିଚାଳନା ପରିଷଦର ସଭାପତିଙ୍କ ସମେତ ପରିଚାଳନା ପରିଷଦ ବିରୋଧରେ ଦୁର୍ନୀତି ଅଭିଯୋଗ ରହିଥିଲା। ବ୍ୟାଙ୍କର ଆୟକର ବାବଦ ୩୬୨ କୋଟି ୫୬ ଲକ୍ଷ ଟଙ୍କାର ଜରିମନା ମାମଲାର ସମାଧାନ ପାଇଁ ନୟାଗଡ଼ର ଏସ.ଏସ. ଦାସ ଆସୋଶିଏଟସ କନ୍‌ସ୍ଲଷ୍ଟାଣ୍ଟିକୁ ଦାୟିତ୍ୱ ଦିଆଯାଇଥିଲା। ବ୍ୟାଙ୍କର ସାଧାରଣ ସଭା ନିଷ୍ପତ୍ତି ପ୍ରକାରେ ଘରୋଇ ସଂସ୍ଥା କନ୍‌ସ୍ଲଷ୍ଟାଣ୍ଟିକୁ ଏକ ପ୍ରତିଶତ ହିସାବରେ ୩ କୋଟି ୬୩ ଲକ୍ଷ ଟଙ୍କା ଦେବାକୁ ସ୍ଥିରୀକୃତ ହୋଇଥିଲା। ଏଥିରୁ ୨କୋଟି ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଆଇନ୍ କାନୁନ୍ ବାହାରେ ଅନ୍ୟ କୌଣସି ସଂସ୍ଥାକୁ ବିଚାରକୁ ନ ନେଇ ଏକ ଘରୋଇ କନ୍‌ସ୍ଲଷ୍ଟାଣ୍ଟିକୁ ଏକତରଫା ଦାୟିତ୍ୱ ଦିଆଯିବା ପରେ ଦୁର୍ନୀତି ନେଇ ପ୍ରଶ୍ନ ଉଠିଥିଲା। ସେହିଭଳି ପବିତ୍ର ମୋହନ ପ୍ରଧାନ ନାମକ ଜଣେ ପୂର୍ବତନ ମ୍ୟାନେଜରଙ୍କୁ ମାସିକ ୧୦ ହଜାର ଟଙ୍କା ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଖର୍ଚ୍ଚରେ ସଭାପତିଙ୍କ ବିଶେଷ କର୍ତ୍ତବ୍ୟରତ ଅଧିକାରୀ ହିସାବରେ ବେଆଇନ ନିଯୁକ୍ତି କରାଯାଇଥିଲା। ପୁଣି ସଭାପତି ଓ ସଭ୍ୟମାନେ ବୈଠକ ଭତ୍ତା ନେଇଥିଲେ। ଏଭଳିସ୍ଥଳେ ୨କୋଟି ୧୦ ଲକ୍ଷ ଟଙ୍କାର ଅର୍ଥ ପ୍ରଦାନକୁ ସରକାର ବେଆଇନ ଓ ମନ୍ଦ ଉଦ୍ଦେଶ୍ୟ ଅନୁଭବ କରି ଉକ୍ତ ଦେଣନେଣ ଟଙ୍କାର ରାଜ୍ୟ ଅର୍ଥନୈତିକ ଅପରାଧ ଅନୁଷ୍ଠାନ ସଂସ୍ଥା (ଇଓଡବ୍ଲୁ)କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି କିଛି ଦୁର୍ନୀତିକୁ ନେଇ ସରକାର ପରିଚାଳନା ପରିଷଦକୁ ନିଲମ୍ବନ କରିଥିଲେ।

# ନୂତନ ଆଇନ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଦଶପଲ୍ଲା, ୭।୩ (ପ୍ରକାଶ କୁମାର ପାଣି)**

ଦଶପଲ୍ଲା ପୋଲିସ ପକ୍ଷରୁ ନୂତନ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ଥାନା ଅଧିକାରିଣୀ ଅନିତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ସୁନନ୍ଦା ସାହୁ, ଆଇନଜୀବୀ ଦିଲୀପ କୁମାର ପଣ୍ଡା ମଞ୍ଚାସୀନ ଥିବାବେଳେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଲୋକପ୍ରତିନିଧି, ଦଶପଲ୍ଲା ଏନ୍ଏସିର କାଉନସିଲର ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ନୂତନ ଭାବେ ପ୍ରଣୟନ ହୋଇଥିବା ଆଇନ ସମ୍ପର୍କରେ ଥାନା ଅଧିକାରିଣୀ ସାହୁ ଆଲୋଚନା କରିଥିଲେ। ନୂଆ ଆଇନ ସମ୍ପର୍କରେ ସମସ୍ତେ ଜାଣିବା ନିହାତି ଆବଶ୍ୟକ ହୋଇଥିବାରୁ ଜନସାଧାରଣଙ୍କୁ ଏ ବିଷୟରେ ସଚେତନ କରିବା ଅବସରରେ ବ୍ଲକ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସେ ପ୍ରକାଶ କରିଥିଲେ। ବିଭିନ୍ନ ଆଇନ ସମ୍ପର୍କରେ ଗାଁ ଗାଁରେ ସଚେତନତା କାର୍ଯ୍ୟକ୍ରମ କରି ଜନ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୋଲିସମାନଙ୍କୁ ସହଯୋଗ କଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଇନଜୀବୀ ପଣ୍ଡା ମତ ଦେଇଥିଲେ। ବିଭିନ୍ନ ଆଇନ ଓ ତା'ର କାର୍ଯ୍ୟଧାରା ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ସାହୁ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ଥାନା ଅଧିକାରିଣୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ମଦ ଜବତ, ଜଣେ ଗିରଫ


ଗିରଫ ରବୀନ୍ଦ୍ର କୁମାର ପ୍ରଧାନ।

**ଖଣ୍ଡପଡା,୭।୩ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଅବକାରୀ କର୍ମଚାରୀମାନେ ଫତେଗଡ଼ ଥାନା ଅଧୀନ ଭଗବାନପୁର ଗ୍ରାମରେ ଶୁକ୍ରବାର ଅଚାନକ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଭଗବାନପୁର ଗ୍ରାମର ରବୀନ୍ଦ୍ର କୁମାର ପ୍ରଧାନ(୪୭)ଙ୍କ ଘରୁ କର୍ମଚାରୀ ୩୨ ଲିଟର ବିଦେଶୀ ମଦ (ବିୟର) ଜବତ୍ କରିବା ସହ ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଖଣ୍ଡପଡ଼ା ଅବକାରୀ ଥାନାଧିକାରୀ ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରୀ, ମିତାରାଣୀ ନାୟକ ପ୍ରମୁଖ କର୍ମଚାରୀ ଚଢ଼ାଉରେ ସାମିଲ୍ ହୋଇଥିଲେ।

# ଭାଜପା ଜିଲା ସଭାପତିଙ୍କୁ ରଣପୁରରେ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଏମ୍‌ପି ସମ୍ବିତ ପାତ୍ର, ଜିଲା ସଭାପତି ତାପସ ରଞ୍ଜନ ମାର୍ଥା ଓ ଅନ୍ୟମାନେ।

**ରଣପୁର ୭।୩ (ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ସଭାପତି ଭାବେ ଭାଜପା ପକ୍ଷରୁ ତାପସ ରଞ୍ଜନ ମାର୍ଥାଙ୍କୁ ପୁଣି ଚୟନ କରାଯାଇଛି। ଭାଜପା ପକ୍ଷରୁ ନୂତନ ଜିଲା ସଭାପତି ଭାବେ ଦାୟିତ୍ୱ ନେଇଥିବା ତାପସଙ୍କୁ ଶୁକ୍ରବାର ରଣପୁରରେ ସମ୍ବର୍ଦ୍ଧନା ଦିଆଯାଇଛି। ହାଇସ୍କୁଲ ଛକଠାରୁ କର୍ମୀମାନଙ୍କ ଗହଣରେ ଶୋଭାଯାତ୍ରାରେ ବାହାରି ରଣପୁର ଦାଣ୍ଡ ପରିକ୍ରମା ସାରି ପଞ୍ଚୁଦୋଳ ପଡ଼ିଆଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭା ନିକଟରେ ପହଞ୍ଚି ଥିଲେ। ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପୁରୀ ଏମ୍‌ପି ଡ. ସମ୍ବିଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଅନ୍ୟତମ ଅତିଥି ଭାବେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ଏମ୍‌ପିଙ୍କ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ପୂର୍ବତନ ମଣ୍ଡଳ ସଭାପତି ସନ୍ତୋଷ ପ୍ରହରାଜ ପ୍ରମୁଖ ଯୋଗଦେଇ ନୂତନ ଜିଲାସଭପତି ମାର୍ଥାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ତାପସଙ୍କ ସଭାପତିତ୍ୱରେ ନୟାଗଡ଼ ଜିଲାରେ ଭାଜପା ଆଗକୁ ବଢ଼ିପାରିଛି। ଆଗାମୀଦିନରେ ତାଙ୍କ ନେତୃତ୍ୱରେ ଦଳ ଅଧିକ ସଙ୍ଗଠିତ ହେବ ବୋଲି ଏମପି ପାତ୍ର ଓ ରାଜ୍ୟ ଯୁବମୋର୍ଚ୍ଚ ସଭାପତି ପଣ୍ଡା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମେରେ ଶତାଧିକ କର୍ମୀଙ୍କ ସହ ଦଳୀୟ ସରପଞ୍ଚ, ସମିତିସଭ୍ୟାସଭ୍ୟ, କାଉନସିଲର ଆଦି ସାମିଲ ହୋଇଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥି।

**ଖଣ୍ଡପଡା,୭।୩ (ଅଜୟ କୁମାର ମହାରଣା)**

ତୈଳିକ ସମାଜ ଚଉଦକୋଷ ପୂର୍ବତନ ସଭାପତି ତଥା ସାମାଜିକ କର୍ମୀ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଅଞ୍ଚଳର ସୁଦର୍ଶନ ପୃଷ୍ଟିଙ୍କ ଶ୍ରାଦ୍ଧ ବାର୍ଷିକ ଅବସରରେ ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସଂଗଠନ ଶିକ୍ଷା ଓ ପଠାଣି ସାମ' ପୂଜ୍ୟପୂଜା ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରରେ ନୟାଗଡ଼ ବ୍ଲଡବ୍ୟାଙ୍କ କର୍ତ୍ତୃପକ୍ଷ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଡା. ବିଷ୍ଣୁ ପ୍ରସାଦ ଦାସ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏ ଅବସରରେ ଆୟୋଜିତ ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପୃଷ୍ଟି ସ୍ମୃତିଚାରଣ କରିଥିଲେ। ସାମାଜିକ କର୍ମୀ ଜିତେନ୍ଦ୍ର କୁମାର କାଟିଆ, ପ୍ରକାଶ ପୃଷ୍ଟି, ମାନସ କୁମାର ସ୍ୱାଇଁ, ପରମେଶ୍ୱର ମହାନ୍ତି, ଜ୍ଞାନ ରଞ୍ଜନ ପୃଷ୍ଟିଙ୍କ ସମେତ ପଠାଣି ସାମନ୍ତ ପୂଜ୍ୟ ପୂଜାର ମୁଖ୍ୟ ମହେନ୍ଦ୍ର କୁମାର ବାରିକ ଓ ସାଥୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଣମାଧ୍ୟମ ପ୍ରତିନିଧିଙ୍କ ବନ୍ଧୁମିଳନ


ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଗଣମାଧ୍ୟମ ପ୍ରତିନିଧିମାନେ।

**ଖଣ୍ଡପଡ଼ା,୭।୩(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ାର ଆରାଧ୍ୟ ଦେବୀ ମା' ପାଟଚଣ୍ଡୀଙ୍କ ପୀଠ ପରିସରରେ ଗଣମାଧ୍ୟମର ପ୍ରତିନିଧିଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖଣ୍ଡପଡ଼ା, ଭାପୁର, ବୋଲଗଡ଼ ଓ ଭୁବନେଶ୍ୱର ଅଞ୍ଚଳର କାର୍ଯ୍ୟରତ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ୪୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ରାଜ୍ୟ ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ନୀଳମଣୀ ସାହୁଙ୍କ ବିୟୋଗରେ ସମସ୍ତ ସଦସ୍ୟ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ଆଲୋଚନା କରିଥିଲେ। ମା' ପାଟଚଣ୍ଡୀଙ୍କ ପୀଠଟି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବାରୁ ଗଣମାଧ୍ୟମ ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

# ଶିବ ବାବାଙ୍କ ଧ୍ୱଜା ଉତ୍ତୋଳନ ଉତ୍ସବ


ବ୍ରହ୍ମାକୁମାରୀଙ୍କ ପକ୍ଷରୁ ଶିବ ଧ୍ୱଜା ଉତ୍ତୋଳନ କରାଯାଉଛି।

**ଖଣ୍ଡପଡା,୭।୩ (ଅଜୟ କୁମାର ମହାରଣା)**

କଣ୍ଟିଲୋ ମଖିସାହିପାଟଣା ଜଗନ୍ନାଥ କୁଟୀରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଭଉଣୀଭାଇଙ୍କ ପକ୍ଷରୁ ଶୁକ୍ରବାର ଶିବବାବାଙ୍କ ଧ୍ୱଜା ଉତ୍ତୋଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମାକୁମାରୀ ଶୁଭାଶିନୀ ଯୋଗଦେଇ ଶିବବାବାଙ୍କ ଧ୍ୱଜା ଉତ୍ତୋଳନ କରିବା ସହ ବିଶ୍ୱର ମଙ୍ଗଳ କାମନା କରି ସମବେତ ଶପଥ ପାଠ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମକୁମାରୀ ସୁଶିଳା, ସାବିତ୍ରୀ, ବାସନ୍ତୀ, ବିମଳା, ନର୍ମଦା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ କେଲୁ ଚରଣ ସାହୁ ଓ ଚିତ୍ତ ରଞ୍ଜନ ସାହୁ ପରିଚାଳନା କରିଥିଲେ।

# କଣ୍ଟିଲୋ ପୋଲିସ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ



ଆଇନ ସଚେତନତା କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ଖଣ୍ଡପଡା,୭।୩ (ଅଜୟ କୁମାର ମହାରଣା)**

ପୋଲିସ ନିକଟରୁ ଜନସାଧାରଣ ତ୍ୱରିତ ସେବା ତଥା ଅନ୍ୟ ଆଇନ ସମ୍ପର୍କିତ ସୁବିଧା ପାଇବା ନିମନ୍ତେ ସରକାର ନୂତନ ଆଇନ ପ୍ରଣୟନ କରିଛନ୍ତି। ନୂତନ ଆଇନ କାର୍ଯ୍ୟକାରିତାକୁ ନେଇ କଣ୍ଟିଲୋ ପୋଲିସ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଏକ ଆଇନ ସଚେତନତା ତଥା ବିତର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ଯୋଗଦେଇ ଭାରତୀୟ ସମ୍ବିଧାନରେ ପୂର୍ବରୁ ଆଇପିସି ନିୟମ ଲାଗୁ ହୋଇଥିଲା। ତେବେ ଏହି ନିୟମରେ ଅଧିକ ସୁଧାର ଆଣିବା ନିମନ୍ତେ ୨୦୨୪ରେ ତାହାକୁ ପରିବର୍ତ୍ତନ କରାଯାଇଛି। ଏହି ନୂତନ ଆଇନରେ ନାଗରିକଙ୍କୁ ସୁରକ୍ଷା ଦେବା ସହ ଦୋଷୀକୁ ଦଣ୍ଡ ବିଧାନର ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ବିଳମ୍ବିତ ନ୍ୟାୟକୁ ତ୍ୱରାନ୍ୱିତ କରିବାକୁ ନୂଆ ଆଇନରେ ବ୍ୟବସ୍ଥା ରହିଥିବା ଦାସ ସୂଚନା ଦେଇଥିଲେ। ଏହାଛଡ଼ା ଏହି ଆଇନରେ ସ୍ଥାନିତ ହୋଇଥିବା ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ସଂହିତା ଓ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କରେ ଫାଣ୍ଡି ଅଧିକାରୀ ଦାସ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଟିଲୋ ବିକାଶ ପରିଷଦର ସଭାପତି ଯୁଗଳ କିଶୋର ନାୟକ, ବରିଷ୍ଠ ନାଗରିକ ତଥା ଜନକଲ୍ୟାଣ କ୍ଲବ ସଭାପତି ଶରତ ଚନ୍ଦ୍ର ମହାରଣା, ବରିଷ୍ଠ ନାଗରିକ ହରିହର ଦାଶ, ବରିଷ୍ଠ ଖବରଦାତା ପ୍ରଭାକର ଶିରୋମଣି, ଶ୍ରୀପତି ମହାରଣା, ଲକ୍ଷ୍ମୀଧର ଚିନରା, ମାଧବ ଚନ୍ଦ୍ର ସାହୁ, ଦିଲୀପ କୁମାର ସାହୁ, ସିଧାମୂଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ନିରଞ୍ଜନ ପଣ୍ଡା ପ୍ରମୁଖ ଆଲୋଚନା ଅଂଶଗ୍ରହଣ କରି ନୂଆ ଆଇନର ବିଭିନ୍ନ ଦିଗ ଉପରେ ତର୍ଜମା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଉଜଳ ମହାରଣା, କଣ୍ଟିଲୋ ଫାଣ୍ଡି ସହକାରୀ ଅଧିକାରୀ ମନୋରଞ୍ଜନ ପଣ୍ଡା ପ୍ରମୁଖ ନୂଆ ଆଇନ କାର୍ଯ୍ୟକାରୀ ହେଲେ ଜଣେ ସାଧାରଣ ନାଗରିକ ନ୍ୟାୟ ପାଇପାରିବେ ବୋଲି ମତ ରଖିଥିଲେ। ଶେଷରେ କଣ୍ଟିଲୋ ସରପଞ୍ଚ ବେହେରା ଦେଶର ନୂତନ ଆଇନକୁ ସ୍ୱାଗତ କରିବା ସହ ଧନ୍ୟବାଦ ଦେଇଥିଲେ।

# କଳାକାରଙ୍କ ନୃତ୍ୟରେ ଦର୍ଶକ ବିମୋହିତ

### ନୂଆଗାଁ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ନୂଆଗାଁ ୭।୩ (ଧନେଶ୍ୱର ସାହୁ)**



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ମହୋତ୍ସବର ଶୁକ୍ରବାର ଦ୍ୱିତୀୟ ଦିବସରେ ସ୍ଥାନୀୟ କଳାକାରମାନଙ୍କ ନୃତ୍ୟରେ ଦର୍ଶକ ବିମୋହିତ ହୋଇଛନ୍ତି। ଦ୍ୱିତୀୟ ଦିବସରେ କନ୍ଧମାଳ ଏମ୍‌ପି ତଥା ନୂଆଗାଁ ମହୋତ୍ସବ କମିଟି ସଭାପତି ସୁକାନ୍ତ କୁମାର ପାଣିଗ୍ରାହୀ, ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ, ନୂଆଗାଁ ବିଡିଓ ଡ. ଅମୃତ କୁମାର ରାଉଳ, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ନୂଆଗାଁ ମହୋତ୍ସବ କମିଟି ସମ୍ପାଦକ ଶିବରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ମହୋତ୍ସବରେ କ୍ଷୁଦ୍ର ବ୍ୟବସାୟ, ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ବ୍ୟବସାୟ କରିବାର ଏକ ମାଧ୍ୟମ ପାଲଟିଛି। ଯାହାଦ୍ୱାରା ମହିଳାମାନେ ନିଜେ ସ୍ୱାବଲମ୍ବୀ ହେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ପାଞ୍ଚାଳୀ ଡ୍ୟାନ୍ସ ଗ୍ରୁପ ଦ୍ୱାରା ନୂଆଗାଁ ବନ୍ଦନା, ଆସାମ କଳାକାରମାନଙ୍କ ଦ୍ୱାରା ବିହୁ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ମେଲୋଡି ଓଡ଼ିଶା ଆଇଡଲର କଣ୍ଠଶିଳ୍ପୀ ରଙ୍ଗିଲା ରଞ୍ଜିତଙ୍କ ସ୍ୱରରେ ଦର୍ଶକ ଝୁମିଥିଲେ। ହାସ୍ୟ ଅଭିନେତା ଜ୍ଞାନ ବାରିକ (ନାଲି ଆମ୍ବ) ଦର୍ଶକମାନଙ୍କୁ ହସେଇ ହସେଇ ବେଦମ କରିଥିଲେ।

